୬ ଟେଷ୍ଟ ସିରିଜ୍ ପାଇଁ ଶ୍ରୀଲଙ୍କାରେ ପହଞ୍ଚିଲା ଟିମ୍ ଇଣ୍ଡିଆ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୮୭ ● ୬ ଅଗଷ୍ଟ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-187 ● 6th August 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ।।। ସଚିବସ୍ତରୀୟ ବୈଠକ ।।।

# ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର, ଘାଇ ମରାମତି ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଭୁବନେଶ୍ୱର,୫।୮

ନ୍ୟୁଜ୍‌ବ୍ୟୁରୋ

ବୁଧବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର, ଘାଇ ମରାମତି ଓ ସ୍ୱାସ୍ଥ୍ୟସେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଆର୍ଥିକ ପ୍ରଦର୍ଶନ ସ୍ଥିତି ସମୀକ୍ଷା ସହ ରାଜ୍ୟ କ୍ୟାବିନେଟରେ ନିଆଯାଉଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ଜୋର ଦିଆଯାଇଛି। ଜିଲ୍ଲାର ୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରିତା ଓ ସାମଗ୍ରିକ ବିକାଶ ରୂପରେଖ ସମ୍ପର୍କରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବିସ୍ତୃତ ଉପସ୍ଥାପନା କରିଥିଲେ। ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସଫଳତାର ସହିତ ଆୟୋଜନ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସକ ଓ ଟିମ୍, ପୁରୀ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମ୍ମିଳିତ ପ୍ରୟାସ ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଗତ ଲଗାଣ ବର୍ଷାରେ ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଅହୋରାତ୍ର ପ୍ରଚେଷ୍ଟା କରିଥିବା ସଂପୃକ୍ତ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ମୁଖ୍ୟ



ଶାସନ ସଚିବ ପ୍ରଶଂସା କରିଥିଲେ। ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ, ରିଲିଫ୍, ପୁନରୁଦ୍ଧାର, ଜଳ ନିଷ୍କାସନ, ଘାଇ ମରାମତି, ଥଇଥାନ ଓ ସ୍ୱାସ୍ଥ୍ୟସେବା ଆଦିକୁ ଗୁରୁତ୍ୱ ଦେଇ ତ୍ୱରିତ ପଦକ୍ଷେପ ନେବାକୁ ସେ ସଂପୃକ୍ତ ସଚିବମାନଙ୍କୁ ପରାମର୍ଶ ଦେଇଥିଲେ। ଗତ ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଅନ୍ୟ ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ମଧ୍ୟ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ।

ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ସ୍ଥିତି ଉପସ୍ଥାପନ କରିଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ ଏହି ସମୟ ମଧ୍ୟରେ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ବୃଦ୍ଧି ଘଟିଥିବା ବୈଠକରୁ ଜଣାଯାଇଛି। ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବ୍ୟୟ ଗତ ବର୍ଷ ତୁଳନାରେ ଏହି ସମୟ ସୁଦ୍ଧା ୨୦.୨ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସାମାଜିକ କ୍ଷେତ୍ରରେ ୧୬.୧ ପ୍ରତିଶତ ତୁଳନାତ୍ମକ ଭାବେ ବୃଦ୍ଧି ପାଇଛି। ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ସମୀକ୍ଷା କରି ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟକରି ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟ ସଚିବ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଗଜପତିର ସାମଗ୍ରିକ ବିକାଶ ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲା ପାଇଁ ପ୍ରସ୍ତୁତ ହୋଇଥିବା ୨୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବିସ୍ତୃତ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଗଜପତି ଜିଲ୍ଲାକୁ ପ୍ରକୃତି, ଐତିହ୍ୟ ଓ ଆଧ୍ୟାତ୍ମିକ ପର୍ଯ୍ୟଟନର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳୀରେ ବିକଶିତ କରିବାକୁ ସେ ବିଭିନ୍ନ ପ୍ରାଥମିକତା ପ୍ରକଳ୍ପ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ବହୁ ସଂଖ୍ୟକ ଜଳପ୍ରପାତ ଥିବାରୁ ସେସବୁ ଅଞ୍ଚଳରେ ସମନ୍ୱିତ ବିକାଶ ସହ ପର୍ଯ୍ୟଟନ ସର୍କିଟ ଭାବେ ବିକଶିତ, ଜିରାଙ୍ଗ ବୌଦ୍ଧ ପୀଠର ବିକାଶ, ମହେନ୍ଦ୍ରଗିରି ଇକୋ ଟୁରିଜିମ ଏବଂ ଇକୋ-ଆଡ୍‌ଭେନ୍‌ଚର ଫେଷ୍ଟ, ପାରଳାଖେମୁଣ୍ଡି ସ୍ଥିତ ‘ବୃନ୍ଦାବନ ରାଜ ପ୍ରାସାଦ’ ଐତିହ୍ୟ ପର୍ଯ୍ୟଟନ, ରାମସାଗର ‘ୱାଟର ଫ୍ରଣ୍ଟ’ର ବିକାଶକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ଜିଲ୍ଲାରେ ବନ୍ଦରଭିତ୍ତିକ ଶିଳ୍ପାୟନ, ପ୍ରତି ଗ୍ରାମପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏଁ ମାଇଲଖୁଣ୍ଟ ପ୍ରକଳ୍ପର ସ୍ଥାପନ, ଶିକ୍ଷା, ଆକାଂକ୍ଷା ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ‘ଡ୍ରିମ୍ ଗୃହ’ ସବୁ ବିକଶିତ କରାଯାଇ ଶିକ୍ଷାର ବିକାଶ, ସବୁ ଗ୍ରାମ ପଞ୍ଚାୟତ କୋଠାରେ (ପୃଷ୍ଠା ୭ରେ)

# ଓଡ଼ିଶା ଗସ୍ତ ସାରି ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି

ଭୁବନେଶ୍ୱର,୫।୮

ନ୍ୟୁଜ୍‌ବ୍ୟୁରୋ

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ତିନିଦିନିଆ ଓଡ଼ିଶା ଗସ୍ତ ଶେଷ କରି ବୁଧବାର ନୂଆଦିଲ୍ଲୀ ଫେରିଯାଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦର ଠାରେ ତାଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବା ଅନୁ ଗର୍ଗ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୩ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଥମେ କଟକରେ ଆଚାର୍ଯ୍ୟ କୃପାଳୁ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ରାଷ୍ଟ୍ରପତି ଭୁବନେଶ୍ୱର ଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ଗସ୍ତରେ ଯାଇ ତପ୍ତପାଣି ଏବଂ ମା’ କନ୍ଧୁଣୀ ଦେବୀ



ମନ୍ଦିରରେ ଭକ୍ତିଭାବର ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ମଧ୍ୟ ରାଷ୍ଟ୍ରପତି ପୂଜାର୍ଚ୍ଚନା କରିଥିଲେ।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ମାତୃଭୂମି ଓଡ଼ିଶା ପ୍ରତି ରାଷ୍ଟ୍ରପତିଙ୍କ ଶ୍ରଦ୍ଧା, ସ୍ନେହ ଏବଂ ମାର୍ଗଦର୍ଶନ ଆମ ସମସ୍ତଙ୍କ ପାଇଁ ସଦାସର୍ବଦା ଅପୂର୍ବ ପ୍ରେରଣାର ସ୍ରୋତ। ତାଙ୍କର ଏହି ଗସ୍ତ ରାଜ୍ୟର ବିକାଶ ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଭାରତ-ଶ୍ରୀଲଙ୍କା ମଧ୍ୟରେ ୩୫ କୋଟି ଡଲାରର ଋଣ ଚୁକ୍ତି

ନୂଆଦିଲ୍ଲୀ,୫।୮

ଶ୍ରୀଲଙ୍କା ଗସ୍ତରେ ଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି ବୁଧବାର ଦିନ ରାଜଧାନୀ କଲମ୍ବୋରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟେକେଙ୍କୁ ଭେଟିଛନ୍ତି। ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥ ଏବଂ ଭାରତର ସହାୟତାରେ ଶ୍ରୀଲଙ୍କାରେ ଚାଲିଥିବା ପ୍ରମୁଖ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ। ଦୁଇଦେଶ ୩୫୦ ନିୟୁତ ଆମେରିକୀୟ ଡଲାରର ଲାଇନ୍ ଅଫ୍ କ୍ରେଡିଟ୍ ଅଫ୍ ଇଣ୍ଡିଆନ୍ ଟଙ୍କା (ଆଇ.ଏନ୍.ଆର୍.) ସମ୍ବନ୍ଧୀୟ ରାଜିନାମା ମଧ୍ୟ ବିନିମୟ କରିଥିଲେ।

ଶ୍ରୀଲଙ୍କାରେ ଥିବା ଭାରତୀୟ ହାଇ କମିଶନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ରାଷ୍ଟ୍ରପତି ଅନୁରା କୁମାର ଦିସାନାୟେକେଙ୍କ ସହ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜଭୁତ କରିବା ପାଇଁ ଭାରତର ସହାୟତାରେ ଶ୍ରୀଲଙ୍କାରେ ଚାଲିଥିବା ପ୍ରମୁଖ ବିକାଶ ପ୍ରକଳ୍ପର ଅଗ୍ରଗତିର (ପୃଷ୍ଠା ୭ରେ)

# ମୃତ ଅଗ୍ନିଶମ କର୍ମଚାରୀଙ୍କ ପରିବାରକୁ ୧.୨୦ କୋଟିର ସହାୟତା ପ୍ରଦାନ

ଭୁବନେଶ୍ୱର,୫।୮

ନ୍ୟୁଜ୍‌ବ୍ୟୁରୋ

କର୍ତ୍ତବ୍ୟ ପାଳନ କରିବା ବେଳେ ନିଜ ଜୀବନକୁ ଉତ୍ସର୍ଗ କରିଥିବା କେନ୍ଦୁଝରେ ବନ୍ୟା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଗ୍ନିଶମ କର୍ମଚାରୀ ଚନ୍ଦନ ପଟ୍ଟନାୟକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ୧ କୋଟି ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା (ପୃଷ୍ଠା ୭ରେ)

# ଗାଡ଼ିର ବୀମା ନଥିଲେ ମିଳିବନି ତେଲ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୮

ବିନା ବୀମାରେ ଚଳାଚଳ କରୁଥିବା ଯାନବାହନ ଉପରେ ଲାଗିବ ଅଙ୍କୁଶ। ପେଟ୍ରୋଲ ପମ୍ପଗୁଡିକ ତେଲ ଦେବା ପୂର୍ବରୁ ଜାଣିପାରିବେ କି ସେହି ଗାଡ଼ିର ବୀମା ଅଛି କି ନାହିଁ। ଯଦି ବୀମା ନଥିବ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଲୋକସଭାରେ ‘ବ୍ୟାଙ୍କର୍ସ ବୁକ୍ ଏଭିଡେନ୍ସ ବିଲ୍-୨୦୨୬’ ଧ୍ୱନିମତରେ ପାରିତ।
- ଦିଲ୍ଲୀ ବିମାନ ବନ୍ଦରରେ ଏକ କିଲୋ ସୁନା ସହ ଦୁଇ ମହିଳା ଯାତ୍ରୀ ଗିରଫ।
- ଚିଟ୍‌ଫଣ୍ଡ ମାମଲାରେ ୱାଇ.ଏସ୍.ଆର.ସି.ପି. ନେତାଙ୍କ ଘରେ ଇଡି ଚଢ଼ଉ।
- ସିବିଆଇ ୟୁଏଇରୁ ୱାଣ୍ଟେଡ୍ ବିଶାଖା ରାଠୋଡ଼ଙ୍କୁ କରାଇଲା ପ୍ରତ୍ୟର୍ପଣ।
- ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ମୁଦ୍ଦାକୁ ନେଇ ସଂସଦ ପରିସରରେ ବିପକ୍ଷର ପ୍ରଦର୍ଶନ, ଗୃହମନ୍ତ୍ରୀଙ୍କଠାରୁ ଉତ୍ତର ଦାବି।
- ୩୨ ବର୍ଷର ନିର୍ବାସନ ପରେ ମଧ୍ୟ ବାଂଲାଦେଶ ଫେରିବାକୁ ଚାହୁଁଛନ୍ତି ତସଲିମା ନସରିନ୍।
- ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ।

## ଏକାଳ ପଖାଳ



ବନ୍ୟା ଦାଉ ସାଧୁଛି ଯେତକ<br>
ପୁଣି ବରଷା ଡର<br>
ଯେଉଁଠି ଟିକିଏ ସବୁଜ ଦିଶୁଛି<br>
ମିଳୁନି ତହିଁକୁ ସାର<br>
ବଡ଼ଲୋକେ କିଛି କର<br>
କହିଲେ ଆରାମ ଚଉକିରେ ବସି<br>
ମିଛେ ନୁଅ ତରତର।

# ରେପୋ ରେଟ୍ ୫.୨୫%ରେ ଅପରିବର୍ତ୍ତିତ ରଖିଲା ଆରବିଆଇ



ମୁମ୍ବାଇ,୫।୮

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଥର ମଧ୍ୟ ନୀତିଗତ ରେପୋ ରେଟରେ କୌଣସି ପରିବର୍ତ୍ତନ କରିନାହିଁ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ବୁଧବାର ରେପୋ ରେଟକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାର ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି ଫଳରେ ଋଣ ଉପରେ ସୁଧ ହାର ମଧ୍ୟ ପୂର୍ବବତ୍ ରହିବ। ଆରବିଆଇ ଖୁଚୁରା ମୁଦ୍ରାସ୍ଫୀତିର ଆକଳନକୁ ୫ ପ୍ରତିଶତ କରିଛି, ଯେତେବେଳେ ଜିଡିପି ଅଭିବୃଦ୍ଧି ହାରର ଆକଳନକୁ ବଢ଼ାଇ ୬.୭ ଶତକଡ଼ା କରିଛି। ଗଭର୍ଣ୍ଣର ଶ୍ରୀ ମଲହୋତ୍ରା ମୁଦ୍ରାନୀତି କମିଟି (ଏମପିସି)ର ତିନିଦିନିଆ ଦ୍ୱିମାସିକ ସମୀକ୍ଷା ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏମପିସି ତାହାର ନିରପେକ୍ଷ ନୀତିଗତ ଆଭିମୁଖ୍ୟ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି। ଚଳିତ ଆର୍ଥିକ ବର୍ଷ ୨୦୨୬–୨୭ର ତୃତୀୟ ମୁଦ୍ରାନୀତି ସମୀକ୍ଷା ବୈଠକରେ ମୁଦ୍ରାନୀତି କମିଟି ସର୍ବସମ୍ମତିକ୍ରମେ ନୀତିଗତ ରେପୋ ରେଟକୁ ୫.୨୫ ଶତକଡ଼ାରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି।

# ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ ବିଲ୍ ରାଜ୍ୟସଭାରେ ପାସ୍

ନୂଆଦିଲ୍ଲୀ,୫।୮

ବୁଧବାର ରାଜ୍ୟସଭାରେ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଧେୟକ ୨୦୨୬ ଗୃହୀତ ହୋଇଯାଇଛି। ଏହି ବିଧେୟକର ଉଦ୍ଦେଶ୍ୟ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଛାଡ଼ି ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟାକୁ ୩୩ରୁ ବଢ଼ାଇ ୩୭ କରିବା। ବିଧେୟକ ଉପରେ ବିତର୍କ କାଳରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ ‘ନ୍ୟାୟପାଳିକା ଉପରେ ବଢୁଥିବା କାମର ବୋଝ, ନ୍ୟାୟିକ ମାମଲାର ବଦଳୁଥିବା ପ୍ରକୃତି ଓ ସାମ୍ବିଧାନିକ ଏବଂ ଆଇନ ବ୍ୟାଖ୍ୟା ସମ୍ପର୍କିତ ନୂଆ ପ୍ରଶ୍ନକୁ ନଜରରେ ରଖି ସୁପ୍ରିମକୋର୍ଟରେ ଜଜ୍‌ଙ୍କ ସଂଖ୍ୟା ବଢାଇବା ବର୍ତ୍ତମାନ ସମୟର ଚାହିଦା ଓ ଏହା ସମୟରେ କରାଯାଉଥିବା ସୁଧାର ମଧ୍ୟ’।

ସରକାର ବର୍ତ୍ତମାନ ମହିଳା ସଂରକ୍ଷଣକୁ ୨୦୨୯ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରିବା ପାଇଁ ନୂତନ ସମ୍ବିଧାନ ସଂଶୋଧନର ବିକଳ୍ପ ଉପରେ ମଧ୍ୟ ବିଚାର କରୁଛନ୍ତି। ଏହା ସହ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ବିରୋଧୀ ଦଳଗୁଡ଼ିକର ଆପତ୍ତି ଦୂର କରିବା ପାଇଁ ମଧ୍ୟ ଆଲୋଚନା ଚାଲିଛି। ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ବିଶେଷ କରି ଦକ୍ଷିଣ ଭାରତର କିଛି ରାଜନୈତିକ ଦଳ ଆପତ୍ତି ଉଠାଇଆସୁଛନ୍ତି। ସେମାନଙ୍କ ଆଶଙ୍କା ହେଉଛି, ନୂତନ ସୀମା ପୁନଃନିର୍ଦ୍ଧାରଣ ପରେ ଲୋକସଭାରେ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱର ସନ୍ତୁଳନ ବଦଳିପାରେ।

ତେବେ ଏହି ବିଧେୟକ ପୂର୍ବରୁ ଲୋକସଭାରେ ଗୃହୀତ ହୋଇସାରିଛି ଓ ରାଜ୍ୟସଭାରେ ବିଚାରବିମର୍ଶ ପରେ ପୁଣି ଲୋକସଭାକୁ ପଠାଇ ଦିଆଯାଇଛି। ଏଣୁ ବିଧେୟକ ଲାଗି ସଂସଦୀୟ ମଞ୍ଜୁରୀ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏହି ବିଧେୟକ ଆଇନରେ (ପୃଷ୍ଠା ୭ରେ)

# ଅଗଷ୍ଟ ୧୫ରେ ଆମେରିକାରେ ପାଳନ ହେବ ‘ଇଣ୍ଡିଆ ଡେ’

ୱାଶିଂଟନ୍,୫।୮

ମାସାଚୁସେଟସ୍ ଗଭର୍ଣ୍ଣର ମୌରା ହିଲି ରାଜ୍ୟରେ ଭାରତୀୟ ସମୁଦାୟଙ୍କ ଯୋଗଦାନକୁ ନଜରରେ ରଖି ଅଗଷ୍ଟ ୧୫ ତାରିଖକୁ ‘ଇଣ୍ଡିଆ ଡେ’ ଘୋଷଣା କରିଛନ୍ତି। ଏହା ସହିତ ସେଦିନ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଭାରତୀୟ ବହୁସଂଖ୍ୟାରେ ଯୋଗଦାନ କରନ୍ତୁ ବୋଲି ସେ ଆଗ୍ରହ କରିଛନ୍ତି। ଏକ ଘୋଷଣାରେ ଗଭର୍ଣ୍ଣର ସାମୁଦାୟିକ ସଙ୍ଗଠନ ଓ ସମର୍ଥକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି। କହିଛନ୍ତି ଯେ ଏହି ସଙ୍ଗଠନ ପ୍ରତିବର୍ଷ ସ୍ୱାଧୀନତା ଦିବସ ସମାରୋହ ଏବଂ ସାମୁଦାୟିକ ସେବା ମାଧ୍ୟମରେ ଲୋକଙ୍କ ଭାଗିଦାରୀ, ସାମାଜିକ ଓ ସାଂସ୍କୃତିକ ଆଦାନପ୍ରଦାନ ଓ ପାରସ୍ପରିକ ବୋଧକୁ ପ୍ରୋତ୍ସାହିତ କରି ଆସୁଛି। ତେବେ କେବଳ ମାସାଚୁସେଟ୍ ନୁହେଁ ବୋଷ୍ଟନ ମେୟର ମିସେଲ ଓ୍ୱୁ ମଧ୍ୟ ଏହିଭଳି ଏକ ଘୋଷଣାରେ ୧୫ ଅଗଷ୍ଟକୁ ‘ଇଣ୍ଡିଆ ଡେ’



ଘୋଷଣା କରିଛନ୍ତି। ଏହି ଅବସରରେ ସେ ବୋଷ୍ଟନରେ ଭାରତୀୟ ବାଣିଜ୍ୟ ଦୂତାବାସ ଖୋଲାଯିବା ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସେଲବୋଷ୍ଟନ-୨୫୦ କାର୍ଯ୍ୟକ୍ରମରେ ଆଇଏନଏସ ସୁଦର୍ଶନୀର ଆଗମନକୁ ନେଇ ଉତ୍ସବ ପାଳନ କରିଛନ୍ତି। ଭାରତର ପ୍ରବାସୀ ସମୁଦାୟ ବିଶ୍ୱରେ ସର୍ବ ବୃହତ୍। ଯେଉଁଥିରେ ମୂଳ ଭାରତୀୟଙ୍କ ସଂଖ୍ୟା ପାଖାପାଖି ୩.୬ କୋଟିରୁ ବି ଅଧିକ ଯେଉଁମାନେ ବିଦେଶରେ ବସବାସ କରୁଛନ୍ତି। କେବଳ ଆମେରିକାରେ ୫୦ଲକ୍ଷରୁ (ପୃଷ୍ଠା ୭ରେ)




32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୬ ଅଗଷ୍ଟ ୨୦୨୬ ଗୁରୁବାର





## କୁନାସିଲା-ମହିବିଲା ରାସ୍ତା ଶୋଚନୀୟ:ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ କୁନାସିଲା-ମହିବିଲା ମୁଖ୍ୟ ସଡ଼କର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ଦିନ ଧରି ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ସତ୍ତ୍ୱେ ମରାମତି କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଯାତାୟାତ ଗୁରୁତର ଭାବେ ବ୍ୟାହତ ହେଉଛି। ଫଳରେ କୁନାସିଲା, ମହିବିଲା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ପ୍ରତିଦିନ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ବିଶେଷକରି ବର୍ଷା ଦିନେ ରାସ୍ତାରେ ପାଣି ଜମି ଯିବାରୁ ଯାତାୟାତ ଆହୁରି ବିପଦପୂର୍ଣ୍ଣ ହୋଇପଡୁଛି। ରୋଗୀ, ଗର୍ଭବତୀ ମହିଳା ଓ ଜରୁରୀକାଳୀନ ସେବା ପାଇଁ ଯାଉଥିବା ଯାନବାହନ ଏହି ରାସ୍ତାରେ ଯିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାଛଡ଼ା ରାସ୍ତା ମଝିରେ ଥିବା ସ୍ନାଳ ଉପରେ ସ୍ଥାୟୀ ପୋଲ ନଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି। ଫଳରେ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ଦୈନନ୍ଦିନ କାର୍ଯ୍ୟରେ ଗୁରୁତର ପ୍ରଭାବିତ ହେଉଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଲୋକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଞ୍ଚଳବାସୀଙ୍କ ଦାବି ହେଉଛି, କୁନାସିଲା-ମହିବିଲା ମୁଖ୍ୟ ରାସ୍ତାର ତୁରନ୍ତ ସ୍ଥାୟୀ ମରାମତି କରାଯିବା ସହ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯାଉ। ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ସମ୍ପୃକ୍ତ ବିଭାଗ ଶୀଘ୍ର ଏହି ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଜନଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି।

### ଯାଜପୁର ବନ୍ୟାଞ୍ଚଳ ଗସ୍ତରେ ଉପମୁଖ୍ୟମନ୍ତ୍ରୀ

## ବିଶୋଧନ ଓ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଏବଂ ପରବର୍ତ୍ତୀ ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଜପୁର ଜିଲ୍ଲା ଗସ୍ତ କରିଛନ୍ତି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ସେ ପ୍ରଥମେ ବଡ଼ଚଣା ବ୍ଲକର ଗୋପାଳପୁର ଗ୍ରାମପଞ୍ଚାୟତରେ ପହଞ୍ଚି ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକ ବୁଲି ଦେଖିଥିଲେ। ଏହାପରେ ସେ ଦଶରଥପୁର ବ୍ଲକର କସପା ପଞ୍ଚାୟତ ସ୍ଥିତ ପାଟଣା ଗ୍ରାମ ଏବଂ ତାରପଡ଼ା ପଞ୍ଚାୟତର ବିଭିନ୍ନ ବନ୍ୟାପ୍ଲାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରଖିଥିଲେ। ପରିଦର୍ଶନ ସମୟରେ ବନ୍ୟାଜନିତ କ୍ଷୟକ୍ଷତି, ରିଲିଫ୍ ବଣ୍ଟନ, ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସ୍ଥାନୀୟ ବନ୍ୟା ବିପନ୍ନମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ସମୟରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରିଲିଫ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ସମ୍ପର୍କରେ ସେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିସହିତ ପ୍ରଭାବିତ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରିଥିଲେ। ବନ୍ୟାଞ୍ଚଳ ଗସ୍ତ ଶେଷ କରିବା ପରେ, ଉପମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାର ସାମ୍ପ୍ରତିକ ବନ୍ୟା ସ୍ଥିତି, କ୍ଷୟକ୍ଷତି ଏବଂ ରିଲିଫ ବଣ୍ଟନର ପ୍ରଗତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ବନ୍ୟା ଜଳ ଛାଡ଼ିବା ପରେ ଜଳବାହିତ ରୋଗ ଓ ମହାମାରୀ ବ୍ୟାପିବାର ଆଶଙ୍କା ଥିବାରୁ ଗାଁ ଗାଁରେ ଥିବା ସମସ୍ତ ପାନୀୟ ଜଳ ଉତ୍ସ ଗୁଡ଼ିକୁ ତୁରନ୍ତ ଏବଂ ସଠିକ୍ ଭାବରେ ବିଶୋଧନ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତାଘାଟ ଏବଂ ନଦୀବନ୍ଧର ଘାଇ ମରାମତି କାର୍ଯ୍ୟର ସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ମୋବାଇଲ୍ ମେଡିକାଲ୍ ଟିମ୍ ମାଧ୍ୟମରେ ଘରେ ଘରେ ଚିକିତ୍ସା ଓ ଆବଶ୍ୟକୀୟ ଔଷଧ ଯୋଗାଇଦେବା ସହ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ପହଞ୍ଚାଇବା ନିଶ୍ଚିତ କରିବାକୁ କହିଥିଲେ। ଏହା ସହ ଜଳବାହିତ ରୋଗର ପ୍ରତିରୋଧ ପାଇଁ ପର୍ଯ୍ୟାପ୍ତ ଔଷଧ ଯୋଗାଣ, ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଏବଂ କ୍ଷୟକ୍ଷତିର ସଠିକ୍ ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାରେ ବାତ୍ୟା ଜନିତ ପରିସ୍ଥିତି, ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ବନ୍ୟାଜନିତ କ୍ଷୟକ୍ଷତିର ସଠିକ୍ ଓ କ୍ଷେତ୍ରୀୟ ଆକଳନ କରି ତୁରନ୍ତ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ ପୂର୍ବକ ସରକାରଙ୍କ ନିକଟକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାପ୍ଲାବିତ ଅଞ୍ଚଳରେ ରିଲିଫ ବଣ୍ଟନ ଓ ସ୍ୱାସ୍ଥ୍ୟସେବା ଯୋଗାଣରେ ଯେପରି କୌଣସି ଅବହେଳା କିମ୍ବା ଅନିୟମିତତା ନହୁଏ ସେଥିପ୍ରତି ଜିଲ୍ଲା ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଉପମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ସଚିବ ଆଶୁତୋଷ ରାଉତ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବାଗ୍ମୀ, ସୁଲେଖିକା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ବିଂଶତମ ଶ୍ରାଦ୍ଧ ଦିବସ ଚୌଦ୍ୱାର ପ୍ରେସ୍ କ୍ଲବ୍‌ରେ ପାଳିତ ହୋଇଯାଇଛି । କଳିଙ୍ଗଛକ ସ୍ଥିତ କ୍ଲବ୍ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗଙ୍ଗାଧର ସାହୁ, କ୍ଲବ୍‌ର ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସାମ୍ବାଦିକ ପ୍ରକାଶ କୁମାର ନାୟକ, ଆଶୁତୋଷ ଦାସ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ଲକ୍ଷ୍ମୀଧର ଦାସ, ଶିକ୍ଷାବିତ୍ ଶିବପ୍ରସାଦ ପତି, ଡାଳିଯୋଡ଼ା ସାହିତ୍ୟ ସଂସଦ ସଭାପତି କେ.ସି. ପ୍ରତାପ ସିଂହ, ସୁରେଶ ପୃଷ୍ଟି ପ୍ରମୁଖ ସ୍ୱର୍ଗତ ଶତପଥୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରି ନାରୀ ଶକ୍ତିର ବିକାଶ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ । ଗୁଲଫାମ୍ ହୋସେନ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା 'ସୋଲାର ରଥ'ର ଶୁଭାରମ୍ଭ: ସୌରଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ

**କଟକ, ନ୍ୟୁଜ୍ ବ୍ୟୁରୋ**



ସ୍ୱଚ୍ଛ ଓ ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଘର ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନର ସୁବିଧା, ପିଏମ୍ ସୂର୍ଯ୍ୟ ଘର : ମାଗଣା ବିଜୁଳି ଯୋଜନା ଅଧୀନରେ ମିଳୁଥିବା ସରକାରୀ ସହାୟତା ଏବଂ ସହଜ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ଏଥିସହ 'ସୋଲାର ସାଙ୍ଗ' ଦଳ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଲଭ ସୌର ଶକ୍ତି ଗ୍ରହଣ ପାଇଁ ପ୍ରୋତ୍ସାହିତ କରିବେ। 'ସୋଲାର ରଥ' ଅଭିଯାନ ମାଧ୍ୟମରେ ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନାର ସୁବିଧା ସମ୍ପର୍କରେ ସଚେତନତା ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବ। ଅଧିକରୁ ଅଧିକ ପରିବାରକୁ ସୋଲାର ସୁବିଧା ନେବା ପାଇଁ ଉତ୍ସାହିତ କରିବା ସହ ନବୀକରଣ ଯୋଗ୍ୟ ଶକ୍ତିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ରଥର ଶୁଭାରମ୍ଭ ଅବସରରେ ଯୋଗଦେଇ କହିଥିଲେ ଯେ, ଏହି ରଥ ଗ୍ରାମାଞ୍ଚଳରେ ବୁଲିବା ଦ୍ୱାରା ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଅଧିକରୁ ଅଧିକ ଉପଭୋକ୍ତା ଉକ୍ତ ଯୋଜନାର ଲାଭ ଉଠାଇପାରିବେ। ଟିପିସିଓଡିଏଲ୍ ପକ୍ଷରୁ 'ମୋ ଛାତ, ମୋ ସଞ୍ଚୟ', ପିଏମ୍ ସୂର୍ଯ୍ୟ ଘର ଗ୍ରାମ ସଭା ଏବଂ 'ସୋଲାର ରଥ' ପରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ଘରୋଇ ସୌର ଶକ୍ତିର ସୁବିଧା, ଯୋଜନାରେ ସାମିଲ୍ ହେବାର ପ୍ରକ୍ରିୟା ଏବଂ ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଯାଉଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମରଜିତ୍ ପଟ୍ଟନାୟକ ସୂଚନା ଦେବା ସହ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି, କର୍ପୋରେଟ ଯୋଗାଯୋଗ ମୁଖ୍ୟ, ଗୌରୀ ମହାନ୍ତିଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷା ଓ ଖାଦ୍ୟପେୟର ତଦାରଖ କଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର୍ ଗରଦପୁର ବ୍ଲକର ପରକଣା ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିବା ଜଣାପଡିଛି। ଶ୍ରୀ ଆଇଆର୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ଦିଆଯାଉଥିବା ଖାଦ୍ୟପେୟ ତଦାରଖ କରିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ପାଠପଢା ସମ୍ପର୍କରେ ଆଲୋଚନା କରିଥିଲେ। ପାଠପଢା ଠିକ୍ ହେଉଛି କି ନାହିଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଠିକ୍ ଶିକ୍ଷାଦାନ କରୁଛନ୍ତି କି ନାହିଁ, ଠିକ୍ ସମୟରେ ଆସୁଛନ୍ତି କି ନାହିଁ, ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ପାଠପଢାକୁ ଗୁରୁତ୍ୱ ଦେଇ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ବିଦ୍ୟାଳୟର ପରିବେଶ ପରିଷ୍କାର, ପରିଚ୍ଛନ୍ନତା ଓ ସ୍ୱଚ୍ଛତା ସମ୍ପର୍କରେ ବୁଲି ଦେଖିବା ସହ ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କର ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସହ ଗରଦପୁର ବ୍ଲକ ଶିକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅଞ୍ଚଳରେ ବର୍ଷା ପାଣି ଜମୁଥିବା ବେଳେ

ବ୍ଲକ କାର୍ଯ୍ୟାଳୟ ଆଗରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ବର୍ଷା ପାଣି ନିଷ୍କାସନ ପାଇଁ ଥିବା ଡ୍ରେନେଜ୍ ପୋତି ହୋଇଯାଇଥିବାରୁ ପାଣି ସବୁ ବାହାରି ବ୍ଲକ ପରିସରରେ ଲହଡି ଖେଳୁଛି। ବ୍ଲକ ପ୍ରଶାସନ ଅସହାୟ ଥିବା ଭଳି ମନେ ହେଉଛି । ସାଧାରଣ ଲୋକ ଓ କର୍ମଚାରୀ ପଛବାଟେ ବୁଲି ଅଫିସକୁ ଆସୁଥିବା ଦେଖାଯାଉଛି। ବର୍ଷା କମିବାର ୫ ଦିନ ପରେ ମଧ୍ୟ ବ୍ଲକର ଏଭଳି ଅବସ୍ଥା ଦେଖି ବନ୍ୟା ଅଞ୍ଚଳର କଣ ଅବସ୍ଥା ହୋଇଥିବ ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଲୋୟର ସୁକତେଲ ଡ୍ୟାମ୍‌ରେ ଜଳବନ୍ଦୀ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ କରିଡର ନିର୍ମାଣ ଦାବି



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ମାଗୁରବେଡା ଲୋୟର ସୁକତେଲ ଡ୍ୟାମ୍ ଯୋଗୁ ମଣିଷ ଏବଂ ମନ୍ଦିର ଗୁଡିକରେ ମହାପ୍ରଭୁ ବିସ୍ଥାପିତ ହୋଇଥିଲେ। ଲୋକଙ୍କ ଘରଦ୍ୱାର ଭଙ୍ଗା ହୋଇ ବିଭିନ୍ନ ଚାଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହେଲା। ଚାଷୀଙ୍କ ହକ୍ ପାଇଁ ବିଭିନ୍ନ ସମୟରେ ବିରାଟ ଆନ୍ଦୋଳନ ହୋଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଲୋୟର ସୁକତେଲ ଡ୍ୟାମ୍ ନିର୍ମାଣ ହୋଇଥିଲା। ନିଜ ଗ୍ରାମର ଭିଟାମାଟି ଛାଡି ବିସ୍ଥାପିତ ହୋଇଥିଲେ ଦେବା ଦେବୀ ମଧ୍ୟ। ଲୋୟର ସୁକତେଲ ଡ୍ୟାମ୍ ନିର୍ମାଣ ଫଳରେ ପ୍ରାୟ ୩୦ଟି ଗାଁର ଜମି ଜଙ୍ଗଲ ଜଳମଗ୍ନ ହେବା ସହ ଲକ୍ଷ ଲକ୍ଷ ଗଛ କାଟି ଦିଆଯାଇଥିବାରୁ ବନ୍ୟଜନ୍ତୁଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ହୋଇଯାଇଛି। ଫଳସ୍ୱରୂପ ବରାହ, କୁଟୁରା, ଝିଙ୍କ, ଠେକୁଆ, ଜାତୀୟ ପକ୍ଷୀ ମୟୁର ସମେତ ବିଭିନ୍ନ ବନ୍ୟପ୍ରାଣୀ ଓ ପକ୍ଷୀ ଖାଦ୍ୟ ଏବଂ ଆଶ୍ରୟ ସନ୍ଧାନରେ ରାଜପଥ ଓ ଜନବସତି ମଧ୍ୟକୁ ଚାଲିଆସୁଥିବା ଦେଖିବାକୁ ମିଳୁଛି। ଏହି ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି, ବଲାଙ୍ଗିର ପକ୍ଷରୁ ବନ ବିଭାଗର ଡିଏଫଓ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ବନ ସଂରକ୍ଷକ (ଏସିଏଫ୍) ମାନସ ରଞ୍ଜନ ବେହେରା ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ମୁଖ୍ୟତଃ ଚାରିଟି ପ୍ରସ୍ତାବ ରଖାଯାଇଛି- ୧.ଜଳବନ୍ଦୀ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ଓ ପୁନର୍ବାସ କରାଯାଉ। ୨.ଲୋୟର ସୁକତେଲ ଡ୍ୟାମ୍ ଚାରିପାର୍ଶ୍ୱରେ ବନ୍ୟଜନ୍ତୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୋର୍ଡ଼ ଲଗାଯାଉ। ୩.ଜାତୀୟ ପକ୍ଷୀ ମୟୁର ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ବନ୍ୟଜନ୍ତୁଙ୍କ ନିରାପଦ ଚଳାଚଳ ପାଇଁ ୱାଇଲ୍ଡଲାଇଫ୍ କରିଡର ନିର୍ମାଣ କରାଯାଉ। ୪.ବେଆଇନ୍ ଶିକାର ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ସହ ନିୟମିତ ସଚେତନତା ସଭା ଆୟୋଜନ କରାଯାଉ। ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଜାତୀୟ ପକ୍ଷୀ ମୟୁରର ସୁରକ୍ଷା ପାଇଁ ବନ୍ୟଜନ୍ତୁ ସୁରକ୍ଷା ଆଇନ୍‌କୁ କଠୋର ଭାବେ କାର୍ଯ୍ୟକାରୀ କରାଯିବା ସହ ବେଆଇନ୍ ଶିକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଶାନ୍ତ ମହାକୁର, ସହ-ସମ୍ପାଦକ ଶମ୍ଭୁ ପ୍ରସାଦ ଶତପଥୀ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ଅର୍ଜୁନ ସାହୁ, ରିଣ୍ଟୁ ସାହୁ ଏବଂ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରେନ୍‌ରେ ପଡ଼ି ଶ୍ରମିକର ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ପଞ୍ଚାୟତ ଟିକର ସାହିର କାଳିଆ ଦେହୁରୀ (୪୦)ଙ୍କର ଡ୍ରେନ୍‌ରେ ପଡି ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ କାଳିଆ ଜାରକାରୁ ଘରକୁ ଫେରୁଥିବା ସମୟରେ ଅସାବଧାନତାରୁ ଡ୍ରେନ୍‌ରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ////////////////// ପ୍ରଶାସନର ମିଳିତ ଉଚ୍ଛେଦ ଓ ସଫେଇ ଅଭିଯାନ //////////////////

## ଡ୍ରେନ୍‌ରୁ ଜବରଦଖଲ ହଟିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ସଫଳତାର ସହ ସମ୍ପାଦିତ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ସହର ମୋଦିପଡ଼ା ସ୍ଥିତ ଦୁର୍ଗା ମନ୍ଦିର ନିକଟରେ ଡ୍ରେନ୍ ଉପରେ ହୋଇଥିବା ବେଆଇନ୍ ଜବରଦଖଲ ଉଚ୍ଛେଦ ଏବଂ ସହରର ଜଳନିଷ୍କାସନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳିତ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ମିଳିତ ଅଭିଯାନ ସଫଳତାର ସହ ସମ୍ପାଦିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମର ନିର୍ଦ୍ଦେଶନାରେ ଆୟୋଜିତ ଏହି ସ୍ୱତନ୍ତ୍ର ଅଭିଯାନରେ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛତା ଟିମ୍ 'ନିର୍ମଳ', ଟାଟା ପାୱାର, ୱାଟ୍‌କୋ ଏବଂ ସ୍ଥାନୀୟ କେବୁଲ୍ ଅପରେଟରମାନେ ମିଳିତ ଭାବେ ସାମିଲ ହୋଇଥିଲେ। ଏହି ଅଭିଯାନ ସମୟରେ ଡ୍ରେନ୍‌ର ସ୍ୱାଭାବିକ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ଅସ୍ଥାୟୀ ନିର୍ମାଣ ଓ ବେଆଇନ୍ ଜବରଦଖଲଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ବୃହତ ସଫେଇ କାର୍ଯ୍ୟ ହାତକୁ ନିଆଯାଇଥିଲା। ସମ୍ବଲପୁର ମହାନଗର ନିଗମର 'ନିର୍ମଳ' ଟିମ୍ ଅତ୍ୟନ୍ତ ନିଷ୍ଠାର ସହ ଡ୍ରେନ୍ ଭିତରେ ଜମା ହୋଇ ରହିଥିବା ଆବର୍ଜନା, ପ୍ଲାଷ୍ଟିକ୍ ଫୋପଡ଼ା ଓ ଗାଦ୍ ପଙ୍କ ସଫା କରି ବର୍ଷା ଜଳର ସୁଗମ ପ୍ରବାହ ସୁନିଶ୍ଚିତ କରିଛନ୍ତି। ଏହା ସହିତ ରାସ୍ତାଘାଟରେ ସାଧାରଣ ନାଗରିକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଅନାବଶ୍ୟକ ତଥା ବିପଜ୍ଜନକ ବିଦ୍ୟୁତ ଖୁଣ୍ଟ, ଟେଲିଫୋନ୍ ଓ କେବୁଲ ତାର ଏବଂ ପାନୀୟ ଜଳ ପାଇପଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଫିସରମାନଙ୍କ ସୁଦୃଢ଼ ସମନ୍ୱୟରେ ତୁରନ୍ତ ସ୍ଥାନାନ୍ତର ଓ ଅପସାରଣ କରାଯାଇଛି। ସହରରେ ସୁଦୃଢ଼ ଜଳ ନିଷ୍କାସନ ବ୍ୟବସ୍ଥା, ଉନ୍ନତ ପରିମଳ ପରିଚାଳନା ଏବଂ ସ୍ୱଚ୍ଛ ତଥା ନିରାପଦ ସହରୀ ପରିବେଶ ପ୍ରଦାନ କରିବା ପାଇଁ ପ୍ରଶାସନ ପକ୍ଷରୁ ଏହିଭଳି ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଡେପୁଟି କମିସନର ଶୁଶାନ୍ତ ସାହୁ, ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସି ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ତଥା ବରିଷ୍ଠ ବିଜେପି ନେତା ମହମ୍ମଦ ସଲ୍ଲିମ୍ ଖାଁ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମହାକାଳପଡାର ବିଧାୟକ ଡଃ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସହିତ ବହୁ ବିଜେପି ନେତା ଉପସ୍ଥିତ ଥିଲେ।



## ତ୍ରିରଙ୍ଗା ପତାକା ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଲେ ଭାଜପା କର୍ମକର୍ତ୍ତା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ହୁମ୍ମା ଷ୍ଟେସନ୍ ପ୍ଲାଟ୍‌ଫର୍ମରେ ଭାରତୀୟ ଜନତା ପାର୍ଟିର ପଦାଧିକାରୀ କର୍ମକର୍ତ୍ତା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କିରନ ଦାସଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ପତାକା ଦେଖାଇ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ପୂର୍ବତନ ଉପାଧ୍ୟକ୍ଷ ପ୍ରଭାକର ନାହାକ, ପୂର୍ବତନ ମଣ୍ଡଳ ସଭାପତି ଦଣ୍ଡପାଣି ଦାସ, ଗଞ୍ଜାମ ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସାଧାରଣ ସଂପାଦକ ଭୀମସେନ ବେହେରା, ପୂର୍ବତନ ଅଧ୍ୟକ୍ଷ କାନକେୟା ରେଡ଼ି, ପୋଇରାସି ସରପଞ୍ଚ ରବିନ୍ଦ୍ର ବେହେରା, ବିଜେପି ନେତା ଜବାରଲାଲ ନାହାକ, କୃଷକ ମୋର୍ଚ୍ଚା ନେତା ହେମନ୍ତ ନାହାକ, ସୁରଥ ନାହାକ, ଅନାଥ ସ୍ୱାଇଁ, ରୋହିତ ନାହାକ, ବିଜେପି ନେତା ଟୁକୁ ବାବୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ନାହାକ, ଯୁବ ନେତା ସୁମନ୍ତ ଦାସ, ଏସ୍‌ସି ମୋର୍ଚ୍ଚା ମଣ୍ଡଳ ସଭାପତି ମାଧବ ବେହେରା, ଯୁବ ନେତା ତପନ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ନାହାକ, ବରିଷ୍ଠ ନାଗରିକ ରାମାରାଓ ରେଡ଼ି, ଓବିସି ମୋର୍ଚ୍ଚାର ପ୍ରଶ୍ନ କୁମାର ନାହାକ, ଏସ୍‌ସି ମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ବିମ୍ବାଧର ବେହେରା, ଏସ୍‌ସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଘନପତି ବେହେରା, ଅନାଦି ବେହେରା, ଏସ୍‌ସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସୁଶାନ୍ତ ବେହେରା, ମହିଳା ମୋର୍ଚ୍ଚାର ଚନ୍ଦ୍ରମା ଦାସ, ସୁକୁମାରୀ ଦାସ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଲୋକ ତ୍ରିରଙ୍ଗା ପତାକା ଦେଖାଇ ସ୍ୱାଗତ ଜଣାଇଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ / ୧୧ | ୧୦ | ଶ୍ର୯ / ୮ରା |
| ଲବୁବୃର | ୨ / ୧ | ୭ |
| ୨କେ / ୩ଶୁ | ଚ | ୬ / ୫ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୦୮।୨୦୨୬, ଶ୍ରାବଣ ଦ୨୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୦୪ ଚନ୍ଦ୍ରୋଦୟ- ରାଘ ୧୨।୨୭।୫୭**

ଅଷ୍ଟମୀ ସଂଘ ୬।୫୫ ପର୍ଯ୍ୟନ୍ତ। ଦ୍ୱିଜା ନକ୍ଷତ୍ର ରାଘ ୮।୧୫ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ରାଘ ୧।୫୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । ରାଘ ୧।୫୩ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର । ରାଘ ୧।୫୩ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ସଂଘ ୬।୫୫ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୭।୧୨ ମଧ୍ୟେ। ଦିଘ ୧୦।୩୭ ଗତେ ଦିଘ ୧।୧୧ ମଧ୍ୟେ ।



**ମେଷ:** ପରୋପକାରୀ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। ମନ ଭଲ ରହିବ ।



**ବୃଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ନୂତନ କର୍ମାରମ୍ଭ କରିପାରନ୍ତି। ମହିଳାମାନେ ସୁଖୀ ହେବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଜୀବନ ସୁଖମୟ ହେବ। ନୂତନ ବନ୍ଧୁ ଦର୍ଶନର ସୂଚନା ।



**କର୍କଟ:** ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଭଲ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ଅସହଯୋଗ ଦେଖାଦେବ। ମନ ଅସ୍ଥିର ରହିବ ।



**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ ।



**କନ୍ୟା:** କର୍ମକ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ରୋଜଗାର ସ୍ଥିର ରହିବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ। ନୂତନ ବନ୍ଧୁ ଦର୍ଶନ ।



**ତୁଳା:** ସାଧନାରେ ସିଦ୍ଧି ଲାଭ କରିବେ। ରୋଜଗାର ଭଲ ହେବ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ଶତ୍ରୁ ନାଶ ହେବେ। ଗୃହେ ଆନନ୍ଦ ଲାଭ ହେବ। ଦେହ ଓ ମନ ଭଲ ରହିବ।



**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ କଟିବନାହିଁ। ଏଣୁ ସାବଧାନତା ଶ୍ରେୟସ୍କର। ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ। ଖର୍ଚ୍ଚର ପରିମାଣ ବଢ଼ିବ। ଘରେ କଳହ ଓ ଅଶାନ୍ତି ଦେଖାଦେବ ।



**ଧନୁ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ। ଘରେ ଶାନ୍ତିର ବାତାବରଣ ରହିବ। ଆୟ ଓ ବ୍ୟୟ ସମାନ ରହିବ। ଦେବ ଦର୍ଶନ କରିପାରନ୍ତି। ମହିଳାମାନେ ସୁଖୀ ହେବେ। ପରୋପକାର କରିବେ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଗରେ ଶାନ୍ତି ଲାଭ କରିବେ ।



**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟ ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ରୋଜଗାର ମଧ୍ୟମ ଧରଣର ହେବ। ପିଲାମାନେ ଖେଳକୁଦରେ ମାତିବାର ସୂଚନା ।



**ମୀନ:** ଅନେକ ଦିନର ଆଶା ଅଭିଳାଷା ଆପଣଙ୍କର ପୂର୍ଣ୍ଣ ହେବ। ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୮।୨୦୨୬, ଶ୍ରାବଣ ଦ୨୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୨୩।୨୫ ଚନ୍ଦ୍ରୋଦୟ- ରାଘ ୧୨।୨୦।୧୪**

ନବମୀ ଦିଘ ୪।୩୯ ପର୍ଯ୍ୟନ୍ତ। କୃତ୍ତିକା ନକ୍ଷତ୍ର ସଂଘ ୬।୪୫ ପର୍ଯ୍ୟନ୍ତ। ବୃଷ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୪।୩୯ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୬।୨୧ ମଧ୍ୟେ। ଦିଘ ୧୨।୧୯ ଗତେ ଦିଘ ୨।୫୩ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରିଲାଏନ୍ସ କ୍ୟାପିଟାଲ ଅଡୁଆରେ

ପୁଣି ଅଡୁଆରେ ଅନିଲ ଅମ୍ବାନୀ। EPFOରେ ବଡ ଧରଣର ଦୁର୍ନୀତିର ରହିଛି ଅଭିଯୋଗ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ (CBI) ରିଲାଏନ୍ସ କ୍ୟାପିଟାଲ ଲିମିଟେଡ୍, ଏହାର ପୂର୍ବତନ ଅଧ୍ୟକ୍ଷ ଅନିଲ ଅମ୍ବାନୀ ଏବଂ ଅନେକ ଅଜ୍ଞାତ ଲୋକସେବକ ବା ଅନ୍ୟ ମାନଙ୍କ ବିରୁଦ୍ଧରେ ଏକ ଏଫଆଇଆର ଦାୟର କରିଛି। ଏହି ମାମଲା EPFOକୁ ୧୮୧୬.୨୨ କୋଟି ଟଙ୍କାର କ୍ଷତି ସହ ଜଡିତ । CBI ଅନୁଯାୟୀ, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଆସୁଥିବା EPFOର ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଜେନ୍ସି ଏବେ ସମ୍ପୂର୍ଣ୍ଣ ନିବେଶ ଏବଂ ସମ୍ପର୍କିତ ଦସ୍ତାବିଜର ତଦନ୍ତ କରିବ। ତଦନ୍ତକାରୀ ଏଜେନ୍ସି ଅନୁଯାୟୀ, ୨୦୧୩ ଏବଂ ୨୦୧୪ ମଧ୍ୟରେ, ରିଲାଏନ୍ସ କ୍ୟାପିଟାଲ ସୁରକ୍ଷିତ ଅଣ-ପରିବର୍ତ୍ତନୀୟ ଡିବେଞ୍ଚର ଜାରି କରିଥିଲା। ଅଭିଯୋଗ କରାଯାଇଛି ଯେ ଚାରି ଜଣ ପୋର୍ଟଫୋଲିଓ ପରିଚାଳକଙ୍କ ମାଧ୍ୟମରେ ଏହି ଡିବେଞ୍ଚରରେ ପ୍ରାୟ ୨୫ ଶହ କୋଟି EPFO ପାଣ୍ଠି ବିନିଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଏହି ନିବେଶ ଯୋଗୁଁ EPFOକୁ ୧୮୧୬.୨୨ କୋଟି ଟଙ୍କାର କ୍ଷତି ହୋଇଥିଲା, ଯେଉଁଥିରେ ମୂଳ ଏବଂ ସୁଧ ଅନ୍ତର୍ଭୁକ୍ତ। ଏଥିରେ ପ୍ରାୟ ୧୦୦୭.୫୫ କୋଟି ଟଙ୍କାର ମୂଳ କ୍ଷତି ଏବଂ ୮୦୮.୬୭ କୋଟି ଟଙ୍କାର ସୁଧ ଦାୟିତ୍ୱ ଅନ୍ତର୍ଭୁକ୍ତ। ସିବିଆଇ ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ଅପରାଧିକ ବିଶ୍ୱାସ ଭଙ୍ଗ ଏବଂ ଦୁର୍ନୀତି ସହିତ ଜଡିତ ବ୍ୟବସ୍ଥା ଅନୁଯାୟୀ ଏକ ମାମଲା ରୁଜୁ କରିଛି। ତଦନ୍ତକାରୀ ସଂସ୍ଥା ନିବେଶ ପ୍ରକ୍ରିୟା ସମୟରେ ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଥିରେ କିଏ ଭୂମିକା ଗ୍ରହଣ କରିଛନ୍ତି ତାହା ମଧ୍ୟ ତଦନ୍ତ କରିବ। ଅନିଲ ଅମ୍ବାନୀଙ୍କ ଦ୍ୱାରା ଜାରି ଏକ ବିବୃତ୍ତି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛି। ତାଙ୍କ ମୁଖପାତ୍ର କହିଛନ୍ତି ଯେ ସେ କୌଣସି ଭୁଲ କରିନାହାଁନ୍ତି ଏବଂ ଆଇନ ଅନୁଯାୟୀ ସମସ୍ତ ଅଧିକାର ବ୍ୟବହାର କରିବେ। ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ସେ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ କମ୍ପାନୀର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଥିଲେ। EPFO ଦେଶର ଲକ୍ଷ ଲକ୍ଷ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ପରିଚାଳନା କରେ। ତେଣୁ, ଏହାର ନିବେଶ ସହିତ ଜଡିତ ଯେକୌଣସି ଅଭିଯୋଗି ସଂପର୍କୀତ ଆର୍ଥିକ କ୍ଷତିକୁ ଗମ୍ଭୀର ବୋଲି ବିବେଚନା କରାଯାଏ। ଏହି କାରଣରୁ, ନିବେଶ ପ୍ରକ୍ରିୟାରେ କୌଣସି ଅନିୟମିତତା କିମ୍ବା ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ସିବିଆଇକୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ। ଏହାହିଁ ପ୍ରଳୟର ସୂଚନା। ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ। ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି। ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି। ତେଣୁ କାହାକୁ କହିବି କିଏ ସେ ଶୁଣିବ। ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ। ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ। ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ। ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି। ତଥାପି ଏ ମନୁଷ୍ୟର ଖାତିରି ନାହିଁ। ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି। ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି। ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି। ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର। ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ। ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ। ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ।

# ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡର ପ୍ରକୋପ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋ ନଂ- ୮୧୪୪୦୪୨୯୯୭

ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରଭାବ ବାୟୁମଣ୍ଡଳର ଉତ୍ତପ୍ତୀକରଣକୁ ତ୍ୱରାନ୍ୱିତ କରିଥାଏ। ସହରମାନଙ୍କରେ ଯେତେବେଳେ ପ୍ରାକୃତିକ ସବୁଜିମା ଭରା ଭୂମିମାନଙ୍କର ସ୍ଥାନ ସିମେଣ୍ଟ କଂକ୍ରିଟ୍ ଆଦି ନେଇଥାଏ, ସେତେବେଳେ ଏହି କଂକ୍ରିଟ ପୂର୍ବର ସବୁଜିମା ଅଞ୍ଚଳ ଅପେକ୍ଷା ଅଧିକ ମାତ୍ରାରେ ତାପ (Heat)କୁ ଧରି ରଖିଥାଏ ଓ ଏହା ବାଟ କଢ଼ାଇ ନେଇଥାଏ ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସୃଷ୍ଟିକୁ। ଏହାଦ୍ୱାରା ବାୟୁ ପ୍ରଦୂଷଣର ପ୍ରଭାବ, ଶୀତଳୀକରଣର ମୂଲ୍ୟ (ଏ.ସି, କୁଲର ଦ୍ୱାରା) ଓ ଗରମ ଜନିତ ଅସୁସ୍ଥତା (Heat related Illness) ଆଦି ବୃଦ୍ଧି ପାଏ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମାନ ପରିମାଣର ଆଲୋକ, ଉତ୍ତାପ ସୂର୍ଯ୍ୟ କିରଣରୁ ପାଇଥାନ୍ତି କିନ୍ତୁ ଦୁଇଟି ସ୍ଥାନରେ ତାପମାତ୍ରାର ଫରକ ନିର୍ଭର କରିଥାଏ, ସେଠାରେ ଥିବା ପ୍ରାକୃତିକ ପୃଷ୍ଠଭୂମି (Natural Surface)ର ମାତ୍ରା ଉପରେ ଏବଂ ପୃଷ୍ଠଭୂମିର ଉତ୍ତାପକୁ ଧରି ରଖିବାର କ୍ଷମତା ଉପରେ।

ଅର୍ବାନ ହିଟ୍ ଆଇଲ୍ୟାଣ୍ଡ, ସହର ବା ମେଟ୍ରୋ ପଲିଟାନ ମଧ୍ୟରେ ଏପରି ଏକ ଅଞ୍ଚଳ ଯେଉଁଠାରେ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ। ଏହା ଏକ ମନୁଷ୍ୟକୃତ ପ୍ରକ୍ରିୟା। ଉପରୋକ୍ତ ଦୁଇଟି ଅଞ୍ଚଳ ମଧ୍ୟରେ ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟା ଯୋଗୁଁ ତାପମାତ୍ରାର ବ୍ୟବଧାନ ପାଖାପାଖି ୮୦$^{C}$ରୁ ୧୧୦$^{C}$ ପର୍ଯ୍ୟନ୍ତ ହୋଇଥାଏ, ଅର୍ଥାତ୍ ସହରାଞ୍ଚଳରେ ୧୧୦$^{C}$ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ, ଗ୍ରାମାଞ୍ଚଳ ଅପେକ୍ଷା। ତାପମାତ୍ରାର ଏହି ଫରକ ରାତ୍ରି ସମୟରେ ବେଶସ ଜଣାପଡ଼ିଥାଏ। ଯେତେବେଳେ ଶୀତଋତୁ ଓ ଗ୍ରୀଷ୍ମଋତୁ ନିଜ ନିଜର ଚରମରେ ଥାଆନ୍ତି ସେହି ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାଟିକୁ ଆମେ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବା। ସମ୍ପ୍ରତି କରାଯାଇଥିବା ଏକ ଗବେଷଣାର ଫଳାଫଳ ଅନୁଯାୟୀ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡର ଦୁଇଟି ସ୍ୱତନ୍ତ୍ର ପ୍ରଭାବ ରହିଛି। ପ୍ରଥମରେ ଏହା ଗରମ ଜନିତ ମୃତ୍ୟୁ ସଂଖ୍ୟାକୁ ବୃଦ୍ଧି କରୁଥିବାବେଳେ, ଥଣ୍ଡା ଜନିତ ମୃତ୍ୟୁ ସଂଖ୍ୟାକୁ ଦ୍ୱିତୀୟରେ ହ୍ରାସ କରିଥାଏ। ଏହି ହେତୁ ହିଁ ୨୦୧୮ ମସିହାରେ ସମଗ୍ର ବିଶ୍ୱରେ ଥଣ୍ଡା ଯୋଗୁଁ ମୃତ୍ୟୁ ସଂଖ୍ୟାରେ ହ୍ରାସ ୪.୪ ଗୁଣ ଅଧିକ ଥିଲା, ଗରମ ଯୋଗୁଁ ମୃତ୍ୟୁ ସଂଖ୍ୟାରେ ବୃଦ୍ଧିଠାରୁ। ନିର୍ଦ୍ଦିଷ୍ଟ ଭାବରେ ଏହି ଫରକଟି ମସ୍କୋ ଭଳି ସହରମାନଙ୍କରେ ଦେଖିବାକୁ ମିଳୁଛି। ଯେଉଁ ଅଞ୍ଚଳଗୁଡ଼ିକରେ ତାପମାତ୍ରା ଅନ୍ୟ ଅଞ୍ଚଳଠାରୁ ଅପେକ୍ଷାକୃତ ଭାବରେ ଅଧିକ ତଥା ସେଗୁଡ଼ିକ ଜନବହୁଳ ସେହି ଅଞ୍ଚଳଗୁଡ଼ିକୁ ସାଧାରଣ ଜନମାନସରେ ଆଜିକାଲି ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ବୋଲି କୁହାଯାଉଛି। ତେବେ ଏପରି ନାମକରଣର କାରଣ କ'ଣ? ସାଧାରଣତଃ ସିମେଣ୍ଟ, କଂକ୍ରିଟ, ପ୍ଲାଷ୍ଟିକ ଆଦି ଗଛ, ଲତା, ଜଳାଶୟ ଭଳି ସବୁଜିମା ଅପେକ୍ଷା ଅଧିକ ମାତ୍ରାରେ ଉତ୍ତାପକୁ ଧାରଣ କରିପାରନ୍ତି। ପରବର୍ତ୍ତୀ ସମୟରେ ସେମାନେ ଏହି ତାପକୁ ବାୟୁମଣ୍ଡଳକୁ ନିକ୍ଷେପ ବା ବିକିରଣ (Radiation) କରିଥାନ୍ତି। ଏହା ସେହି ଅଞ୍ଚଳର ତାପମାତ୍ରାକୁ ଅସ୍ୱାଭାବିକ ଭାବରେ ବଢ଼ାଇ ଦେଇଥାଏ। ବହୁଳ ଭାବରେ ଥିବା କଂକ୍ରିଟ୍ ଜଙ୍ଗଲ ସହରାଞ୍ଚଳରେ ଏହି ହେତୁ ଅସହ୍ୟ ଗରମ ହୋଇଥାଏ ଓ ଏହାକୁ ନାମିତ କରାଯାଇଅଛି "ସହରାଞ୍ଚଳ ଉତ୍ତପ୍ତ ଦ୍ୱୀପ" ବା "ଅର୍ବାନ ହିଟ୍ ଆଇଲ୍ୟାଣ୍ଡ" ନାମରେ। ଏବେ ଆସିବା ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ହେବାର କାରଣକୁ। ସହରାଞ୍ଚଳର ପରିବେଶରେ କଳକାରଖାନା, ଅଟ୍ଟାଳିକା ଓ ଯାନବାହାନରୁ ଉତ୍ତାପ ନିର୍ଗତ ହୋଇଥାଏ। ସହରରେ ଥିବା ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନ ରଙ୍ଗଗୁଡ଼ିକ ବ୍ୟବହାରଦ୍ୱାରା ସଂପୃକ୍ତ ପୃଷ୍ଠଭୂମି ବେଶୀ ମାତ୍ରାରେ ତାପକୁ ଧରି ରଖିଥାଏ। ଶାନ୍ତ, ସ୍ଥିର ଓ ପରିଷ୍କାର ଜଳବାୟୁ ଦ୍ୱାରା ଅଧିକ ସୂର୍ଯ୍ୟ କିରଣ ସହରାଞ୍ଚଳର ଭୂମିକୁ ସ୍ପର୍ଶ କରେ ଓ ଏହା ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ବୃଦ୍ଧି କରାଇବାରେ ସହାୟତା କରିଥାଏ। ଶୀତ ତାପ ନିୟନ୍ତ୍ରକ (ଏ.ସି)ରୁ ନିର୍ଗତ ଗରମ ବାଷ୍ପ ମଧ୍ୟ ସ୍ଥାନୀୟ ଅଞ୍ଚଳକୁ ଉତ୍ତପ୍ତ କରିଥାଏ। ସହରମାନଙ୍କରେ ଥିବା ଉଚ୍ଚ ଅଟ୍ଟାଳିକାମାନ ବାୟୁ ପ୍ରବାହର ଗତିରେ ବାଧା ସୃଷ୍ଟି କରିଥାନ୍ତି ଓ ଏହାଦ୍ୱାରା ପ୍ରାକୃତିକ ଶୀତଳୀକରଣ ପ୍ରକ୍ରିୟା (Natural Cooling) ପ୍ରତିହତ ହୁଏ। ବୃକ୍ଷ ଓ ସବୁଜିମାର ଅଭାବ, ନିର୍ମାଣ କାର୍ଯ୍ୟ (Construction) ରେ ଅହେତୁକ ବୃଦ୍ଧି ଏବଂ ପରିବହନରେ ଉନ୍ନତି ତଥା ଏଥିରେ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର, ଏହି ସବୁ କାରଣ ଗୁଡ଼ିକର ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସଂଘଟିତ ହେବାରେ ପରୋକ୍ଷ ଭୂମିକା ରହୁଛି। ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ମନୁଷ୍ୟ ଶରୀର ଉପରେ ପ୍ରଭାବ:- ଗ୍ରୀଷ୍ମ ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ସ୍ଥାନଗୁଡ଼ିକରେ ବିଦ୍ୟୁତ୍ ଶକ୍ତିର ଚାହିଦାରେ ବୃଦ୍ଧି ଘଟେ। ତେଣୁ ଅଧିକ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଜୀବାଶ୍ମ ଇନ୍ଧନ (Fossil Fuel)ର ବହୁଳ ବ୍ୟବହାର ହୋଇଥାଏ। ଏହାଦ୍ୱାରା ବାୟୁ ପ୍ରଦୂଷଣ ଓ ଗ୍ରୀନ ହାଉସ୍ ଗ୍ୟାସ୍‌ର ନିର୍ଗମନରେ ବୃଦ୍ଧି ହୁଏ। ମଣିଷ ଶରୀରକୁ ବାୟୁ ପ୍ରଦୂଷଣ ହାନିକାରକ ହେବା ସହିତ ଏହି ପ୍ରଦୂଷକ (Pollutant) ଗୁଡ଼ିକ ବିଭିନ୍ନ ବିଷମ ବାୟୁଭିତ୍ତିକ ସମସ୍ୟା ଯେପରିକି ସ୍ମଗ୍ (Smug), ପର୍ଟି କୁଲେଟ୍ ମ୍ୟାଟ୍‌ର (PM), ଅମ୍ଳୀୟ ବର୍ଷା (Acid Rain) ଆଦି ସୃଷ୍ଟି କରିଥାନ୍ତି। ତାପମାତ୍ରା ବୃଦ୍ଧି ପାଇଲେ ସ୍ମଗ୍‌ର ପ୍ରାଦୁର୍ଭାବ ବୃଦ୍ଧି ପାଏ। ନାଇଟ୍ରୋଜେନ୍ ଅକ୍ସାଇଡ ଓ ଅନ୍ୟାନ୍ୟ ପ୍ରଦୂଷକର ସମ୍ମିଶ୍ରଣ, ସୂର୍ଯ୍ୟାଲୋକ ଓ ଉତ୍ତପ୍ତ ଜଳବାୟୁର ଉପସ୍ଥିତିରେ ସ୍ମଗର ସୃଷ୍ଟି ହୋଇଥାଏ। ଦିଲ୍ଲୀ ଏନ.ସି.ଆର୍ ଅଞ୍ଚଳରେ ଏହି ସ୍ମଗ୍ ଶ୍ୱାସଜନିତ ରୋଗର ମୁଖ୍ୟକାରଣ ପାଲଟିଛି। ଯେହେତୁ ବୃଦ୍ଧି ଓ ବୟସ୍କ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଦୁର୍ବଳ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ଦ୍ୱାରା ସେମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ନିୟନ୍ତ୍ରଣ:- ପ୍ରଥମ ପଦକ୍ଷେପ ଭାବରେ ଆମ୍ଭମାନଙ୍କୁ ବହୁଳ ଭାବରେ ବୃକ୍ଷରୋପଣ କରିବା ପାଇଁ ପଡ଼ିବ ଓ ସହରାଞ୍ଚଳ ମାନଙ୍କରେ ସବୁଜିମା (Greenery) ର ପରିମାଣ ବଢ଼ାଇବାକୁ ହେବ। ଦ୍ୱିତୀୟ ପଦକ୍ଷେପରେ ପରୋକ୍ଷ ଶୀତଳୀକରଣ ପ୍ରକ୍ରିୟା (Passive Cooling) ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିରେ ଗୃହର ନିର୍ମାଣ ପ୍ରକ୍ରିୟାରେ କିଛି ବିଶେଷ ପ୍ରଣାଳୀର ଅବଲମ୍ବନ କରାଯାଇଥାଏ, ଯାହାଦ୍ୱାରା ଗୃହ ପ୍ରାକୃତିକ ଭାବରେ ଶୀତଳ ରହିବା ସହିତ ଶୀତତାପ ନିୟନ୍ତ୍ରକର ଆବଶ୍ୟକତାରେ ହ୍ରାସ ଆସିଥାଏ। ତୃତୀୟ ପଦକ୍ଷେପ ସ୍ୱରୂପ ଆମେ ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନରଙ୍ଗ ପରିବର୍ତ୍ତେ "ଧଳା" ଭଳି ହାଲୁକା ରଙ୍ଗ ବ୍ୟବହାର କଲେ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ପ୍ରକୋପ କମିଯିବ। ନିକଟରେ ନାସା ଦ୍ୱାରା ଉଠାଯାଇଥିବା ଫଟୋଚିତ୍ରରୁ ଜଣାପଡ଼ିଛି କି ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ଦେଶର ରାଜଧାନୀ ଦିଲ୍ଲୀରେ ବେଶୀ ମାତ୍ରାରେ ପରିଲକ୍ଷିତ ହେଉଅଛି। ଦିଲ୍ଲୀର ଗ୍ରାମାଞ୍ଚଳ ତୁଳନାରେ, ରାଜଧାନୀ ଅଞ୍ଚଳରେ ଏହା ବେଶୀ ମାତ୍ରାରେ ଘଟୁଛି। ତେଣୁ ଏବେଠାରୁ ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ନେଲେ, ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ଭବିଷ୍ୟତରେ ନିୟନ୍ତ୍ରଣ କରାଯାଇପାରିବ।

# ୨୨ ଗଜର ସର୍ବଶ୍ରେଷ୍ଠ ନାୟକ: ସାର୍ ଗ୍ୟାରୀ ସୋବର୍ସ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

କ୍ରିକେଟ୍ କେବଳ ସଂଖ୍ୟା,ରନ୍ କିମ୍ବା ୱିକେଟ୍‌ର ହିସାବ ନୁହେଁ; ଏହା ହେଉଛି କଳା, ସାହସ ଏବଂ ମାନସିକ ଦୃଢ଼ତାର ପ୍ରଦର୍ଶନ। ଏହି ପ୍ରଦର୍ଶନକୁ ଯିଏ ସବୁଠାରୁ ରୋମାଞ୍ଚକର ଓ ସ୍ମରଣୀୟ କରି ଗଢ଼ିଛନ୍ତି, ସେ ହେଉଛନ୍ତି ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ସାର୍ ଗାରଫିଲ୍ଡ ସୋବର୍ସ। କ୍ରିକେଟର ସ୍ୱର୍ଣ୍ଣିମ ଯୁଗରେ ଗ୍ୟାରୀ ସୋବର୍ସ ଏଭଳି ଏକ ସୂର୍ଯ୍ୟ ଥିଲେ, ଯାହାଙ୍କ କିରଣରେ ପ୍ରତିପକ୍ଷର ବୋଲର ଓ ବ୍ୟାଟରମାନେ ସ୍ତବ୍ଧ ହୋଇଯାଉଥିଲେ। ସେ କେବଳ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍‌ର ଭାଗ୍ୟ ବଦଳାଇ ନଥିଲେ, ବରଂ ବିଶ୍ୱ କ୍ରିକେଟ୍‌କୁ ଏକ ନୂଆ ପରିଭାଷା ଦେଇଥିଲେ। କ୍ରିକେଟ ଇତିହାସରେ ଅନେକ ମହାନ ଖେଳାଳି ଜନ୍ମ ନେଇଛନ୍ତି। କିଏ ନିଜର ବ୍ୟାଟିଂ ପାଇଁ ତ କିଏ ନିଜର ମାରାତ୍ମକ ବୋଲିଂ ପାଇଁ ବିଶ୍ୱର ପ୍ରଶଂସା ସାଉଁଟିଛି। କିନ୍ତୁ କ୍ରିକେଟ ଜଗତରେ ସେ ଏମିତି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କୁ କ୍ରିକେଟର 'ପରିପୂର୍ଣ୍ଣତା' ବୋଲି କୁହାଯାଏ।

କ୍ରିକେଟର ଇତିହାସ ଯେତେବେଳେ ବି ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡରଙ୍କ କଥା ମନେ ପକାଏ, ଗ୍ୟାରୀ ସୋବର୍ସଙ୍କ ନାମ ସବୁଠାରୁ ଶୀର୍ଷରେ ଉଚ୍ଚାରିତ ହୁଏ। ସେ କେବଳ ଏକ ଖେଳାଳୀ ନଥିଲେ, ବରଂ ନିଜେ ଏକ ସମ୍ପୂର୍ଣ୍ଣ କ୍ରିକେଟ ପାଠଶାଳା। ସେ ଖେଳପଡ଼ିଆ ଭିତରେ ଯାହା ସବୁ କରିପାରୁଥିଲେ, ତାହା ଆଜିର ଆଧୁନିକ କ୍ରିକେଟରେ ମଧ୍ୟ କଳ୍ପନା କରିବା ସହଜ ନୁହେଁ। ବ୍ୟାଟିଂ, ବୋଲିଂ ଓ ପଡିଆର ସ୍ଲିପ୍ ଅଞ୍ଚଳରେ ତାଙ୍କର ଚିତାବାଘ ଭଳି ଫିଲ୍ଡିଂ ତାଙ୍କୁ କ୍ରିକେଟ ପଡିଆର ୨୨ ଗଜ ବିଶିଷ୍ଟ ପିଚର ସର୍ବଶ୍ରେଷ୍ଠ ନାୟକ ରୂପେ ପରିଚିତ କରିଥିଲା। ଦି ରାଇଟ୍ ଏକ୍ସଲେଣ୍ଟ ସାର୍ ଗାରଫିଲ୍ଡ ସେଣ୍ଟ ଅବରୁନ୍ ସୋବର୍ସ, ଯିଏ କି ସାର୍ ଗ୍ୟାରୀ ବା ସାର୍ ଗ୍ୟାରୀ ସୋବର୍ସ ନାମରେ ଜଣାଶୁଣା। ପିଲାଦିନରୁ ହିଁ ତାଙ୍କର ବଲ୍ ସହିତ ଜଡ଼ିତ ପ୍ରାୟ ସମସ୍ତ ଖେଳ, ବିଶେଷ କରି କ୍ରିକେଟ୍, ଫୁଟବଲ୍ ଏବଂ ବାସ୍କେଟବଲ୍ ପ୍ରତି ଅତ୍ୟନ୍ତ ଆଗ୍ରହ ଥିଲା। କିନ୍ତୁ ତାଙ୍କର ପ୍ରାକ୍ ପ୍ରାଥମିକ ଶିକ୍ଷା ସମୟରେ ତାଙ୍କ ବିଦ୍ୟାଳୟ ତରଫରୁ ଆନ୍ତଃ-ବିଦ୍ୟାଳୟ କ୍ରିକେଟ୍ ଖେଳିବାର ସୁଯୋଗ ପାଇ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଫଳରେ ତାଙ୍କୁ ୧୩ ବର୍ଷ ବୟସରେ ଦୁଇଟି ସ୍ଥାନୀୟ କ୍ରିକେଟ୍ ଦଳ ଯଥା ବାରବାଡୋସ୍ କ୍ରିକେଟ୍ ଲିଗ୍‌ର କେଣ୍ଟ ସେଣ୍ଟ ଫିଲିପ୍ କ୍ଲବ୍ ଏବଂ ବାରବାଡୋସ୍ କ୍ରିକେଟ୍ ଆସୋସିଏସନ୍‌ର ୱାଣ୍ଡରର୍ସ କ୍ଲବ୍‌ରେ ସ୍ଥାନ ମିଳିଥିଲା। ଯେତେବେଳେ ସୋବର୍ସଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା ଅର୍ଥାତ୍ ୧୯୫୨-୫୩ ସିଜନ୍‌ରେ, କେନସିଙ୍ଗଟନ ଓଭାଲଠାରେ ଭାରତୀୟ ଦଳ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍ ପାଇଁ ବାରବାଡୋସ୍ ଦଳର ଟ୍ରାଏଲ୍ସ ପାଇଁ ଆମନ୍ତ୍ରଣ କରାଯାଇଥିଲା। ପ୍ରାରମ୍ଭରେ ସେ ଦ୍ୱାଦଶ ଖେଳାଳି ଭାବେ ମନୋନୀତ ହୋଇଥିଲେ ମଧ୍ୟ ଫ୍ରାଙ୍କ କିଙ୍ଗ ଆହତ ହେବା ଯୋଗୁଁ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ୍ୟତଃ ଜଣେ ବୋଲର ଭାବରେ ଖେଳୁଥିବା ସୋବର୍ସଙ୍କୁ ଶୀଘ୍ର ବ୍ୟାଟିଂ କ୍ରମରେ ପଦୋନ୍ନତି ମିଳିଥିଲା। ୧୯୫୮ ମସିହାରେ ପାକିସ୍ତାନ ବିପକ୍ଷରେ ସୋବର୍ସ ନିଜର ପ୍ରଥମ ଟେଷ୍ଟ ଶତକ ହାସଲ କରିବା ସହ ଏହାକୁ ୩୬୫ ରନ୍ (ଅପରାଜିତ)ରେ ପହଞ୍ଚାଇଥିଲେ ଏବଂ ଏକ ଇନିଂସରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରର ଏକ ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ୧୯୯୪ ମସିହାରେ ବ୍ରାୟନ ଲାରା ୩୭୫ ରନ୍ କରିବା ପର୍ଯ୍ୟନ୍ତ ତାଙ୍କର ଏହି ରେକର୍ଡ ଭାଙ୍ଗି ନଥିଲା। ପଡ଼ିଆକୁ ଓହ୍ଲାଇଲେ ସେ ଏକାକୀ ଏକ ଦଳ ସଦୃଶ ପ୍ରତୀତ ହେଉଥିଲେ। ଜଣେ ବାମହାତି ଷ୍ଟାଇଲିସ୍ ବ୍ୟାଟର ଭାବେ ତାଙ୍କର ପ୍ରତ୍ୟେକଟି ସ୍ୱିଙ୍ଗିଂ ଷ୍ଟ୍ରୋକ୍ ପଡ଼ିଆକୁ କମ୍ପାଇ ଦେଉଥିଲା। ବିନା ହେଲମେଟ୍‌ରେ ଦୁନିଆର ସବୁଠାରୁ ମାରାତ୍ମକ ଦ୍ରୁତ ବୋଲରମାନଙ୍କ ସାମ୍ନା କରି ସେ ଯେଉଁ ସୌନ୍ଦର୍ଯ୍ୟପୂର୍ଣ୍ଣ ରନ୍ ସଂଗ୍ରହ କରୁଥିଲେ, ତାହା ଦର୍ଶକଙ୍କୁ ବିଭୋର କରୁଥିଲା। ୧୯୬୫ ମସିହାରେ ସୋବର୍ସଙ୍କୁ ୱେଷ୍ଟଇଣ୍ଡିଜ୍ ଦଳର ଅଧିନାୟକ କରାଯାଇଥିଲା, ଯେଉଁ ଦାୟିତ୍ୱରେ ସେ ୧୯୭୨ ପର୍ଯ୍ୟନ୍ତ ରହିଥିଲେ। ଯେଉଁ ସମୟରେ ରନ୍ ଗତିକୁ ଧୀମା ରଖି ଖେଳିବା ଟେଷ୍ଟ ଖେଳର ପରମ୍ପରା ଥିଲା, ସେ ସମୟରେ ସୋବର୍ସ ବିଶ୍ୱ କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ନିଜର ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୬ଟି ବଲରେ ୬ଟି ଛକା ମାରି ଆଧୁନିକ ଟି-୨୦ର ଆଭାସ ବହୁତ ବର୍ଷ ପୂର୍ବରୁ ଦେଇ ସାରିଥିଲେ। ମୋଟ ଉପରେ, ସୋବର୍ସ ୱେଷ୍ଟଇଣ୍ଡିଜ୍ ପାଇଁ ୯୩ଟି ଟେଷ୍ଟ ମ୍ୟାଚ୍ ଖେଳି ୫୭.୭୮ ହାରରେ ୮,୦୩୨ ରନ୍ ସଂଗ୍ରହ କରିଥିଲେ। ୫,୦୦୦ରୁ ଅଧିକ ରନ୍ କରିଥିବା କ୍ରିକେଟରମାନଙ୍କ ତାଲିକାରେ ଟେଷ୍ଟ କ୍ରିକେଟରେ ତାଙ୍କର ବ୍ୟାଟିଂ ହାରାହାରି ପଞ୍ଚମ ସର୍ବୋଚ୍ଚ ଅଟେ।

ନିଶ୍ଚିତ ଭାବରେ ଏହା କୁହାଯାଇପାରେ ଯେ ସେ ଦ୍ରୁତ ବୋଲିଂ ବିପକ୍ଷରେ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟର ଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁଁ ସେ ଅର୍ଥୋଡକ୍ସ ସ୍ପିନ୍‌ଠାରୁ ଆରମ୍ଭ କରି ମଧ୍ୟମ ଦ୍ରୁତ ବୋଲିଂ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବାମହାତି ବୋଲିଂ କରିପାରୁଥିଲେ। ସେ ନୂଆ ବଲ୍‌ରେ ଦ୍ରୁତ ବୋଲିଂ, ପରିସ୍ଥିତି ଅନୁଯାୟୀ ଲେଫ୍ଟ ଆର୍ମ ଗୁଗ୍‌ଲି କିମ୍ବା ଫିଙ୍ଗର ସ୍ପିନ୍ କରୁଥିଲେ, ଯାହା ଅନ୍ୟ ସାଧାରଣ ବୋଲରଙ୍କ ତୁଳନାରେ ନିଆରା ଥିଲା। ଜଣେ ବୋଲର ଭାବରେ ସୋବର୍ସ ଅର୍ଥୋଡକ୍ସ ଲେଫ୍ଟ ଆର୍ମ ସ୍ପିନର ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପରେ ଲେଫ୍ଟ ଆର୍ମ ରିଷ୍ଟ ସ୍ପିନ୍ ଏବଂ ଗୁଗ୍‌ଲି ବୋଲିଂ କରିବାର ଦକ୍ଷତା ହାସଲ କରିଥିଲେ। ସୋବର୍ସ ଜଣେ ସିମର୍ ଭାବରେ ମଧ୍ୟ କାର୍ଯ୍ୟ କରିପାରୁଥିଲେ, ବେଳେବେଳେ ମଧ୍ୟମ ଗତି ବ୍ୟବହାର କରୁଥିଲେ, କିନ୍ତୁ ସେ ଯେତେବେଳେ ଦ୍ରୁତ ବୋଲିଂ କରୁଥିଲେ ସେତେବେଳେ ଅଧିକ ପ୍ରଭାବଶାଳୀ ହେଉଥିଲେ। ନୂଆ ବଲ୍ ସହିତ, ସେ ଉଚ୍ଚ ଗତିରେ ବଲ୍‌କୁ ସୁଇଙ୍ଗ୍ କରାଇ ପାରୁଥିଲେ। ତାଙ୍କର ବୋଲିଂ ଆକ୍ସନ ଏକ ଢିଲା, ଶକ୍ତିଶାଳୀ ରନ୍-ଅପ୍ ଏବଂ ତା'ପରେ ଏକ ଚାବୁକ ପ୍ରହାର ଭଳି ଡେଲିଭରି ଥିଲା। ନିଜ କ୍ୟାରିୟରରେ ସେ ୨୩୫ଟି ୱିକେଟ୍ ମଧ୍ୟ ନେଇଛନ୍ତି। କେବଳ ବ୍ୟାଟିଂ ଓ ବୋଲିଂ ନୁହେଁ ଫିଲଡ଼ିଂ କ୍ଷେତ୍ରରେ ମଧ୍ୟ ସେ ଜଣେ ଚମତ୍କାର କ୍ଷେତ୍ର ରକ୍ଷକ ଥିଲେ। ଜଣେ ଫିଲ୍ଡର ଭାବରେ ସେ ପ୍ରାୟତଃ ୱିକେଟ୍ ନିକଟରେ ରହୁଥିଲେ ମଧ୍ୟ ସେ ଜଣେ ଚମତ୍କାର ଆଉଟ୍‌ଫିଲ୍ଡର ଥିଲେ। ୧୯୮୮ ମସିହାରେ ନର୍ମାନ୍ ମେ'ଙ୍କୁ ଦେଇଥିବା ଏକ ସାକ୍ଷାତକାରରେ, ଅଷ୍ଟ୍ରେଲିଆର ମହାନ ବ୍ୟାଟର ତଥା କ୍ରିକେଟ ପ୍ରଶାସକ ସାର୍ ଡୋନାଲ୍ଡ ବ୍ରାଡ୍‌ମ୍ୟାନ ସୋବର୍ସଙ୍କୁ ତାଙ୍କ ଦ୍ୱାରା ଦେଖାଯାଇଥିବା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ଭାବେ ବର୍ଣ୍ଣନା କରିଥିଲେ ଏବଂ ତାଙ୍କ ଶୈଳୀ ଓ ଜ୍ଞାନକୌଶଳର ମୂଲ୍ୟାଙ୍କନ କରି କହିଥିଲେ: 'ଗ୍ୟାରୀ ସୋବର୍ସ ମୁଁ ଦେଖିଥିବା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡ କ୍ରିକେଟର ବୋଲି କହିବାକୁ ମୋର କୌଣସି ଦ୍ୱିଧା ନାହିଁ'। ଏତଦବ୍ୟତୀତ କ୍ରିକେଟ ପ୍ରତି ସୋବର୍ସଙ୍କର ନିର୍ଭୀକ ଓ ସ୍ୱଚ୍ଛ ଆଭିମୁଖ୍ୟ ହିଁ ତାଙ୍କୁ ଜଣେ ଜନପ୍ରିୟ ନାୟକ ମଧ୍ୟ କରିପାରିଥିଲା। କ୍ରୀଡ଼ାବିତ୍ ସୁଲଭ ମନୋଭାବର ପ୍ରତୀକ ଜଣେ ଅଧିନାୟକ ଓ ଖେଳାଳି ଭାବେ ସୋବର୍ସ ସର୍ବଦା 'ଭଦ୍ରଲୋକଙ୍କ ଖେଳ'ର ଗାରିମା ରକ୍ଷା କରୁଥିଲେ। ଜିତିବା ଅପେକ୍ଷା ଖେଳକୁ ସଠିକ୍ ଭାବେ ଖେଳିବା ତାଙ୍କ ପାଇଁ ବଡ଼ ଥିଲା। ସେ ନିଜର ଦଳକୁ ସଶକ୍ତ କରିବା ସହ ୱେଷ୍ଟଇଣ୍ଡିଜ୍ କ୍ରିକେଟର ସୁବର୍ଣ୍ଣ ଯୁଗର ମୂଳଦୁଆ ପକାଇଥିଲେ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କାରିବିଆନ୍ ଦ୍ୱୀପପୁଞ୍ଜର ଅନେକ ଯୁବକ କ୍ରିକେଟ୍‌କୁ ନିଜର କ୍ୟାରିୟର୍ ଭାବେ ଗ୍ରହଣ କରିଥିଲେ।

କ୍ରିକେଟ ପ୍ରତି ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ୧୯୭୫ ମସିହାରେ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଦ୍ୱାରା ସୋବର୍ସଙ୍କୁ 'ନାଇଟ୍‌ହୁଡ୍' (ସାର) ଉପାଧି ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ,୧୯୯୮ ମସିହାରେ ସଂସଦର ଏକ ଅଧିନିୟମ ଦ୍ୱାରା ସୋବର୍ସଙ୍କୁ ବାରବାଡୋସ୍‌ର ୧୧ ଜଣ ଜାତୀୟ ନାୟକଙ୍କ ମଧ୍ୟରୁ ଜଣେ ଭାବେ ନାମିତ କରାଯାଇଥିଲା, ୧୯୫୮, ୧୯୬୦, ୧୯୬୨,୧୯୬୪-୬୬, ଏବଂ ୧୯୭୦ ଓ ୨୦୦୯ ମସିହା ନିମନ୍ତେ ଉଇଜଡେନ କ୍ରିକେଟର ଅଫ୍ ଦି ଇୟର ଆୱାର୍ଡ ପ୍ରଦାନ କରାଯାଇଥିଲା। ୨୦୦୩ ମସିହାରେ ତାଙ୍କୁ ଅଫିସର ଅଫ୍ ଦି ଅର୍ଡର ଅଫ୍ ଅଷ୍ଟ୍ରେଲିଆ ଭାବେ ନିଯୁକ୍ତି କରାଯିବା ସହ ୨୦୦୪ ମସିହାରେ ସୋବର୍ସଙ୍କୁ ଆଇସିସି କ୍ରିକେଟ୍ ହଲ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା ଓ ୨୦୦୦ମସିହାରେ ଉଇଜଡେନ କ୍ରିକେଟରର୍ସ ଅଫ୍ ଦି ସେଞ୍ଚୁରୀ ପାଇଁ ସେ ମନୋନୀତ ହୋଇଥିଲେ। ୨୦୦୪ ମସିହାରେ, ଆନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍, ସାର୍ ଗାରଫିଲ୍ଡ ସୋବର୍ସ ଟ୍ରଫିର ଶୁଭାରମ୍ଭ କରିଥିଲା, ଯାହା ପ୍ରତିବର୍ଷ ଆଇସିସି ଦ୍ୱାରା ବର୍ଷର ଶ୍ରେଷ୍ଠ ଖେଳାଳିଙ୍କୁ ପ୍ରଦାନ କରାଯାଏ। ଗତ ଜୁଲାଇ ମାସ ସତର ତାରିଖ ଦିନ ଏହି କିମ୍ବଦନ୍ତୀ ଖେଳାଳିଙ୍କର ମହାପ୍ରୟାଣ ଘଟିବା ସହ କ୍ରିକେଟ ଜଗତର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଛି। ଆଜି ପ୍ରଯୁକ୍ତିବିଦ୍ୟା, ଭିଡିଓ ଆନାଲିସିସ୍ ଏବଂ ସ୍ପେଶାଲିଷ୍ଟ କୋଚ୍‌ମାନଙ୍କ ଗହଣରେ ବି ଗ୍ୟାରୀ ସୋବର୍ସଙ୍କ ଭଳି ପରିପୂର୍ଣ୍ଣ ଅଲ୍‌ରାଉଣ୍ଡର ଜନ୍ମ ହେବା କଷ୍ଟକର ହେଉଛି। ସୋବର୍ସ ପ୍ରମାଣ କରିଥିଲେ ଯେ ପ୍ରକୃତ ପ୍ରତିଭା କୌଣସି ସୀମା ବା ବ୍ୟବସ୍ଥାର ମୋହତାଜ୍ ନୁହେଁ। କ୍ରିକେଟ୍ ଇତିହାସର ପୃଷ୍ଠାରେ ସାର୍ ଗ୍ୟାରୀ ସୋବର୍ସଙ୍କ ନାମ ସର୍ବଦା ଏକ ମାଇଲଖୁଣ୍ଟ ହୋଇ ରହିବ, ଯିଏ ବିଶ୍ୱକୁ ଶିଖାଇଥିଲେ ଯେ ଖେଳପଡ଼ିଆରେ କେମିତି ସର୍ବଗୁଣ ସମ୍ପନ୍ନ ହୋଇପାଇଛନ୍ତି। ଆଜିର କ୍ରିକେଟରେ ଖେଳାଳିମାନେ କେବଳ ବ୍ୟାଟିଂ କିମ୍ବା ବୋଲିଂ ଉପରେ ଅଧିକ ଧ୍ୟାନ ଦେଉଥିବା ବେଳେ, ଗ୍ୟାରୀ ସୋବର୍ସଙ୍କ ଜୀବନୀ ଶିଖାଏ ଯେ କଠିନ ପରିଶ୍ରମ ଓ ବହୁମୁଖୀ ପ୍ରତିଭା ଦ୍ୱାରା ଜଣେ କେମିତି ପ୍ରତିଟି କ୍ଷେତ୍ରରେ ଶ୍ରେଷ୍ଠ ହୋଇପାରେ। କ୍ରିକେଟ୍ ଖେଳ ଯେ ପର୍ଯ୍ୟନ୍ତ ରହିଥିବ, ସାର୍ ଗ୍ୟାରୀ ସୋବର୍ସଙ୍କ ନାମ ୨୨ ଗଜର ସବୁଠାରୁ ଦେଦିପ୍ୟମାନ ଏବଂ ପ୍ରେରଣାଦାୟୀ ନକ୍ଷତ୍ର ଭାବେ ପ୍ରତ୍ୟେକ ଯୁବ ଖେଳାଳିଙ୍କୁ ପ୍ରେରଣା ଯୋଗାଉଥିବ।

# କୃଷି ଅଭ୍ୟୁଦୟର ନୂଆ ସୂର୍ଯ୍ୟୋଦୟ



ସମୀର ବିଶ୍ୱାଳ
ମୋ-୯୪୩୭୫୪୨୮୮୫
ମେଲ - sameermjmc31@gmail.com

ଦେଶର ଅର୍ଥନୀତି ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷି। ଆଜି ମଧ୍ୟ ଦେଶର ବହୁ ସଂଖ୍ୟକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଉପରେ ନିର୍ଭରଶୀଳ। ଜଳବାୟୁ ପରିବର୍ତ୍ତନ ଅନିୟମିତା,ବର୍ଷା। ପ୍ରାକୃତିକ ବିପର୍ଯ୍ୟୟ, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ବଜାର ସମସ୍ୟା ପରି ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯେଉଁ ଯୋଜନାଗୁଡ଼ିକ କୃଷକଙ୍କ ଆୟ ବୃଦ୍ଧି, ଉତ୍ପାଦନ ବୃଦ୍ଧି, ଆଧୁନିକ କୃଷି ପ୍ରଯୁକ୍ତିର ପ୍ରସାର ଏବଂ କୃଷିକୁ ଲାଭଜନକ ବୃତ୍ତିରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। କୃଷି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ୍) ଯୋଜନା ଗୋଟିଏ ଉଲ୍ଲେଖନୀୟ ପଦକ୍ଷେପ। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କୁ ପ୍ରତିବର୍ଷ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଯାହା କୃଷକଙ୍କ ତତ୍କାଳୀନ ଆର୍ଥିକ ଆବଶ୍ୟକତା ପୂରଣରେ ସାହାଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏ ଫବିୱାଇ) ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଯୋଜନା। ବନ୍ୟା, ମରୁଡ଼ି, ବାତ୍ୟା, ଅତି ବର୍ଷା କିମ୍ବା ପୋକ ଆକ୍ରମଣ ଯୋଗୁଁ ଫସଲ କ୍ଷତି ହେଲେ କୃଷକମାନେ ବୀମା ସୁବିଧା ପାଇଥାନ୍ତି। ଏହା ଦ୍ୱାରା କୃଷକଙ୍କ ଆର୍ଥିକ କ୍ଷତି କମିଯାଇଥାଏ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ 'ପ୍ରତ୍ୟେକ କ୍ଷେତକୁ ପାଣି' ଲକ୍ଷ୍ୟ ନେଇ ସିଞ୍ଚନ ବ୍ୟବସ୍ଥାର ବିକାଶ କରାଯାଉଛି। ଡ୍ରିପ୍ ଓ ସ୍ପ୍ରିଙ୍କଲର୍ ପରି ସୂକ୍ଷ୍ମ ସିଞ୍ଚନ ପ୍ରଣାଳୀକୁ ପ୍ରୋତ୍ସାହନ ଦେଇ ଜଳ ସଂରକ୍ଷଣ ସହ ଅଧିକ ଉତ୍ପାଦନ ସମ୍ଭବ ହେଉଛି। କିଷାନ କ୍ରେଡିଟ୍ କାର୍ଡ ଯୋଜନା ମାଧ୍ୟମରେ କୃଷକମାନେ ସହଜ ସୁଧ ହାରରେ ଋଣ ପାଇପାରୁଛନ୍ତି। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ ଚାଷ ଜମିର ମାଟି ପରୀକ୍ଷା କରାଯାଇ ତାହାର ପୋଷକ ତତ୍ତ୍ୱ ସମ୍ପର୍କରେ କୃଷକଙ୍କୁ ସୂଚନା ଦିଆଯାଉଛି। ତଦନୁଯାୟୀ ସଠିକ୍ ପରିମାଣରେ ସାର ପ୍ରୟୋଗ କରିବା ଫଳରେ ଉତ୍ପାଦନ ବଢ଼ିବା ସହ ମାଟିର ଉର୍ବରତା ମଧ୍ୟ ବଜାୟ ରହିଛି। କୃଷି ଯାନ୍ତ୍ରିକୀକରଣ ପାଇଁ ଟ୍ରାକ୍ଟର, ପାୱାର ଟିଲର, ରିପର ଥ୍ରେସର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ର କ୍ରୟ ଉପରେ ସରକାର ସବସିଡି ପ୍ରଦାନ କରୁଛନ୍ତି। ଏହାଦ୍ୱାରା ଶ୍ରମ ଖର୍ଚ୍ଚ କମୁଛି, କାମ ଶୀଘ୍ର ସମ୍ପନ୍ନ ହେଉଛି ଏବଂ ଉତ୍ପାଦନ କ୍ଷମତା ବଢୁଛି। କୃଷି ଭିତ୍ତିଭୂମିର ବିକାଶ ପାଇଁ ଗୋଦାମ ଶୀତଳ ଭଣ୍ଡାର ପ୍ୟାକ୍-ହାଉସ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଓ କୃଷି ବଜାର ଭଳି ସୁବିଧାର ବିକାଶ କରାଯାଉଛି। ଏହା ଫଳରେ ଅମଳ ପରବର୍ତ୍ତୀ କ୍ଷତି କମୁଛି ଏବଂ କୃଷକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇ ପାରୁଛନ୍ତି। ଆଧୁନିକ କୃଷି ପ୍ରଯୁକ୍ତି ଉନ୍ନତ ବିହନ ଜୈବିକ ଚାଷ ସମନ୍ୱିତ କୀଟ ପରିଚାଳନା, ଡିଜିଟାଲ କୃଷି ସେବା ଏବଂ ପାଣିପାଗ ସୂଚନାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ କୃଷି ବିଭାଗ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଏବଂ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକ ନିରନ୍ତର ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି। ଯାହା ଦ୍ୱାରା କୃଷକମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଅଧିକ ଲାଭ ପାଉଛନ୍ତି। ଓଡ଼ିଶାରେ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ବୃଦ୍ଧି ହେବା ଦ୍ୱାରା କୃଷକ ମନରେ ଚାଷ ପାଇଁ ଉତ୍ସାହ ଦେଖିବାକୁ ମିଳିଛି। ସରକାରଙ୍କ ଏହି ବିଭିନ୍ନ ବିକାଶମୂଳକ ଯୋଜନା ଫଳରେ କୃଷକମାନଙ୍କ ଆୟ ବୃଦ୍ଧି ପାଉଛି, ଉତ୍ପାଦନ ଖର୍ଚ୍ଚ କମୁଛି, ପ୍ରାକୃତିକ ବିପଦ ସମୟରେ ଆର୍ଥିକ ସୁରକ୍ଷା ମିଳୁଛି ଏବଂ କୃଷି ସହ ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ମହୁଚାଷ ଓ ଛତୁଚାଷ ପରି ସହାୟକ କୃଷି କାର୍ଯ୍ୟକୁ ମଧ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି; ଯାହା ଗ୍ରାମୀଣ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବା ସହିତ କୃଷକଙ୍କ ଆୟର ବିବିଧିକରଣରେ ସହାୟକ ହେଉଛି। ତେବେ ଏହି ସମସ୍ତ ଯୋଜନାର ପୂର୍ଣ୍ଣ ସଫଳତା ପାଇଁ କୃଷକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସମୟମତେ ସହାୟତା ପ୍ରଦାନ, ସ୍ୱଚ୍ଛ ଓ ଦ୍ରୁତ କାର୍ଯ୍ୟକାରିତା, ଉନ୍ନତ ବଜାର ବ୍ୟବସ୍ଥା ଏବଂ କୃଷି ଭିତ୍ତିଭୂମିର ଆହୁରି ବିକାଶ ଆବଶ୍ୟକ। ସରକାର ବୈଜ୍ଞାନିକ କୃଷି ଅଧିକାରୀ ଏବଂ କୃଷକ ସମସ୍ତେ ମିଳିତ ଭାବେ କାର୍ଯ୍ୟ କଲେ ଭାରତର କୃଷି କ୍ଷେତ୍ର ଅଧିକ ସମୃଦ୍ଧ ହେବ। କୃଷି ଅଭିବୃଦ୍ଧି ପାଇଁ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା କୃଷକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଛି। ଯଦି ଏହି ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ପାରଦର୍ଶିତା ଓ କୃଷକଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରାଯାଏ, ତେବେ କୃଷି କ୍ଷେତ୍ର ଆହୁରି ସମୃଦ୍ଧ ହେବ, କୃଷକଙ୍କ ଆୟ ବଢ଼ିବ ଏବଂ ଭାରତ ଖାଦ୍ୟ ଉତ୍ପାଦନ ସହ ଗ୍ରାମୀଣ ବିକାଶରେ ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୯୪


ନିତ୍ୟାନନ୍ଦ ପଣ୍ଡା

## ଛୁଞ୍ଚି ମୂନରେ ମୂନେ ଜାଗା ବି ନୁହଁ-୧



ସଂଜୟଙ୍କୁ ଉପଲବ୍ୟ ପଠେଇବା ପରେ ଧୃତରାଷ୍ଟ୍ର ଆଶା ଆଶଙ୍କା ଭିତରେ ରହିଲେ । ସେ ରାତିରେ ଠିକ୍ ଭାବେ ଶୋଇ ପାରିଲେନାହିଁ । ରାତି ପାହିଲା । ସେ ଡକେଇ ପଠେଇଲେ ବିଦୁରଙ୍କୁ ।

ବିଦୁରଙ୍କ ସହ ସେ ଦୀର୍ଘ ଆଲୋଚନା କଲେ । ବିଦୁର କହିଲେ, ପାଣ୍ଡବ ମାନଙ୍କୁ ସେମାନଙ୍କ ଅଂଶ ଦେଇଦେବା ସବୁଠୁ ବୁଦ୍ଧିମାନର କାର୍ଯ୍ୟ ହେବ । ପଣ୍ଡୁ ପୁତ୍ରମାନଙ୍କୁ ନିଜ ପୁଅ ପରି ଭାବନ୍ତୁ ଓ ଉଚିତ୍ ବିଚାର କରନ୍ତୁ । ଉଭୟ ପକ୍ଷ ନିରାପଦରେ ରହିବେ । ଯୁଦ୍ଧ ଟଳିଯିବ ।

ସମସ୍ୟାଟିର ବିଭିନ୍ନ ଦିଗ ଉପରେ ବିସ୍ତାରିତ ଭାବେ ଆଲୋଚନା କଲେ ବିଦୁର ।

ପରଦିନ ସଂଜୟ ଫେରିଲେ ଓ ଉପଲବ୍ୟରେ ଯାହା ଘଟିଥିଲା ତା'ର ପୂରା ବିବରଣୀ ରଖିଲେ ।

ତାଙ୍କ ବିବରଣୀ ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସ୍ଥାନ ପାଇଲା । ତାହା ହେଉଛି, ଅର୍ଜୁନଙ୍କ କଥା । ଯେ, ଦୁର୍ଯ୍ୟୋଧନ ହେଉଛି ନିପଟ ବୋକାଟିଏ ଯିଏକି ଯୁଦ୍ଧ ଚାହୁଁଛି । ମୋର ଗାଣ୍ଡିବ ଧନୁ ଅସ୍ଥିର ହେଲାଣି । ଦୁର୍ଯ୍ୟୋଧନ ଓ ତା'ର ମିତ୍ରମାନଙ୍କୁ ସମୂଳେ ନିପାତ କରିଦେବ । କୌଣସି ଦେବତା ନାହିଁ, ଯେକି ମୋ ଗାଣ୍ଡିବର ସମ୍ମୁଖୀନ ହୋଇପାରିବ ।

ଅର୍ଜୁନ ଏହିପରି କହିଲେ- ଶୁଣେଇଲେ ସଞ୍ଜୟ ।

ଭୀଷ୍ମ ଧୃତରାଷ୍ଟ୍ରଙ୍କୁ ଉପଦେଶ ଦେବା ଛଳରେ କହିଲେ- ଅର୍ଜୁନ ଓ କୃଷ୍ଣଙ୍କର ମିଳିତ ଶକ୍ତି କଳନା କରିହେବନାହିଁ । କର୍ଣ୍ଣ ଯେ କହୁଛନ୍ତି, ସେ ଅର୍ଜୁନଙ୍କୁ ନିହତ କରିବେ, ଶୁଣ, ପାଣ୍ଡବ ମାନଙ୍କ ସାମର୍ଥ୍ୟର ଷୋହଳ ଭାଗରୁ ଭାଗେ ମଧ୍ୟ ତାଙ୍କର ନୁହଁ । ବିରାଟ ରାଜ୍ୟକୁ ଆକ୍ରମଣ କଲାବେଳେ ଯେତେବେଳେ ଦୁର୍ଯ୍ୟୋଧନ ଅପମାନିତ ହେଉଥିଲା, କର୍ଣ୍ଣ କେଉଁଠି ଥିଲେ ? ପୁଣି ଗନ୍ଧର୍ବମାନେ ଦୁର୍ଯ୍ୟୋଧନକୁ ବନ୍ଦୀକରି ନେଇଯାଉଥିବା ବେଳେ ଅର୍ଜୁନ ବନ୍ଧନ ମୁକ୍ତ କରିଥିଲା ନା ନାହିଁ ! ଏହିପରି ଛିଗୁଲେଇଲା ପରି କଥା ଶୁଣେଇଲେ ଭୀଷ୍ମ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ସାଥୀ ମେଳରେ ବୋଲବମ୍‌ରେ



*ମହେନ୍ଦ୍ର କୁମାର ଘଡ଼େଇ*

ଡାକବାଜିରେ ଶିବମହିମା
ଦୂରରୁ ଆସେ ଭାସି
ମନ୍ଦିରବେଢ଼ା ଚଉପାଖରେ
ଶୁଭେ ଆହୁରି ବେଶି ।
କିଏ ସେ ଧରେ ଶଙ୍କର ନାମ
କେ' ଜୟଧ୍ୱନି ଦିଏ
ଜଳ ନଡ଼ିଆ ବେଲପତର
ଭାରରେ ଧରି ଧାଏଁ ।
ଶଙ୍ଖ କାହାଳି ଘଣ୍ଟଘଣ୍ଟାରେ
ଡିଜେ ରୋଶଣୀ ନେଇ
ଭକତିମୟ ପଟୁଆରରେ
କମ୍ପାଏ ଗାଆଁ ଭୂଇଁ ।
ସାଥୀମେଳରେ ବୋଲବମ୍‌ରେ
ଜପତପରେ ଇଷ୍ଟ
ତା'ର କରୁଣା ବଳେ ବିନାଶୁ
ସଂସାରୁ ପୁଣି ଦୁଷ୍ଟ ।
ମନମଇଳା କରିଲେ ସଫା
ଭୋଳା ହୋଇବେ ଖୁସି
କାଳିମାବୋଳା କାମ ବରଜି
ସୁଖକୁ ଦେବେ ବେଶୀ ।
ସ୍ୱଚ୍ଛ ନିର୍ମଳ ପରିବେଶରେ
ରୋକିଲେ ପ୍ରଦୂଷଣ
ଦେବାଦେବୀଙ୍କ ଆଶିଷ ମଥା
ଛୁଇଁବ ଭାଇ ଜାଣ ।
ମାୟା ଅସତ ଅନୀତି ପଥ
ଫଳକୁ କରେ ମାରା
ହରଷମନ ସରଶ କାମ
ସୁଖ ଧରାଏ ଧରା ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ବୋଲବମ୍

*ନୀଳମଣି ଚାନ୍ଦ*

ଶ୍ରାବଣ ମାସର ସୋମବାର
ଅଟେ ପବିତ୍ର ବାର
କାଉଡ଼ିଆ ଯେ ନଦୀଘାଟରେ
ଭରଇ ଜଳ ଭାର ।
କାନ୍ଧରେ ଥାଏ ବାହୁଙ୍ଗୀଟିଏ
ଖାଲି ପାଦରେ ଯାଏ
ଗନ୍ତବ୍ୟସ୍ଥଳ ଶୈବପୀଠ ତ
ସଂକଳ୍ପ କରିଥାଏ ।
ବୋଲବମ୍ ବୋଲବମ୍ ସେ
କରନ୍ତି ଉଚ୍ଚାରଣ
ଦେହେ ଗେରୁଆ ବସ୍ତ୍ରଟି ଏବେ
ହୁଅଇ ଆଭୂଷଣ ।
ଏକଥା ସତ ଶିବ ଭକତ
ଧର୍ମ ଅର୍ଜନ ପାଇଁ
ଆସିବ କେବେ ଶ୍ରାବଣ ମାସ
ରହିଥାଆନ୍ତି ଚାହିଁ ।
ଆମ ରାଜ୍ୟର ଧବଳେଶ୍ୱର
ଶ୍ରୀଲୋକନାଥ ପୀଠ
କପିଳାସରୁ ଆରଡ଼ି ଠାରେ
ହୁଅନ୍ତି ଏକଜୁଟ ।
ଯେ ନିଷ୍ଠା ସହ ଢାଳନ୍ତି ଜଳ
ଶିବ ଲିଙ୍ଗର ପରେ
ଯେଉଁଠି ଭିଡ଼ କାଉଡିଆଙ୍କ
ଆସ ଦେଖିବା ଥରେ ।

*ମଞ୍ଚମାନୋର,ଗୋପାଳୋ,ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# କାଉଡ଼ିବାଲା



*ଦଶରଥ ମାଝୀ*

ଆଷାଢ଼ ଯାଇ ଶ୍ରାବଣ ହେଲା
ଆସିଲେ ସୋମବାର
କାଉଡିବାଲା କଳସୀ ଧରି
ଯାଏ ଶିବ ମନ୍ଦିର (୧)
ବାଲୁକା ଲିଙ୍ଗ ତିଆରି କରି
ନଈ କୂଳିଆ ଘାଟେ
ସୁନ୍ଦର ଭାବେ ଫୁଲେ ସଜାଇ
ମାରେ ମୁଣ୍ଡିଆ ଗୋଟେ (୨)
ଗଙ୍ଗା ଜଳକୁ କଳସ ଠାନେ
ଭକ୍ତିରେ ଦିଏ ଝିଟି
କଳସୀ ଠାନେ ରଖି ଦିଅନ୍ତି
ତମ୍ବା ପାତ୍ରର ଗୋଟି (୩)
ଅରୁଆ ଖାଏ ଗେରୁଆ ପିନ୍ଧେ
ପିନ୍ଧେ ରୁଦ୍ରାକ୍ଷ ମାଳି
ମଣିବାବାକେ ଗୁହାରି କରେ
ଭୀମ ଅର୍ଜୁନ ଭଳି (୪)
ନିଜ କାନ୍ଧରେ ବାହୁଙ୍ଗି ଧରି
ଯାଆନ୍ତି ବୋଲବମ୍
ଅସରା ମେଘ କାଟି ଦେଲେବି
ଚାଲନ୍ତି ଦମାଦମ୍ (୫)
ସାରା ସଂସାର ଶିବମୟରେ
ଲାଗିଛି ସତେ ଲୀଳା
ନଈ ଜଳରେ ବୁଡ଼ ପକାଇ
ଚାଲେ କାଉଡିବାଲା (୬)

*କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୨୪୯୨୧୨୪୭୨*

# ଜଳଭାର କନ୍ଧେ ନେବାରେ

*ନଗେନ୍ଦ୍ରନାଥ ପଟ୍ଟନାୟକ*



ପୁଣ୍ୟ ଶ୍ରାବଣ ମାସଟି ଧରମ
ଅପାର ଶିବ ମହିମା
ଜଳଭାର କନ୍ଧେ ବୋହି କାଉଡ଼ିଆ
ଗାନ କରେ ତାଙ୍କ ଗରିମା ।।
ଶ୍ରାବଣ ମାସର ଦିନ ସୋମବାର
ଅତୀବ ପୁଣ୍ୟ ପାବନ
ଗେରୁଆ ବସନେ କାଉଡ଼ିଆ ଭାଇ
ଶୋଭା ତ ସୌମ୍ୟଦର୍ଶନ ।।
ରାସ୍ତା କଡେ କେଡେ ଆଗପଛ ହୋଇ
ଚାଲନ୍ତି ଫୁଙ୍ଗୁଳା ପାଦରେ
ନଈ ତୁଠ ଠାରୁ ଶିବାଳୟ ଯାଏ
ପଦପାତ ଶୋଭା ଯାତ୍ରାରେ ।।
ଚଢ଼ାନ୍ତି ସୁମନ ବେଲପତ୍ରମାନ
ସଲିଳ ପବିତ୍ର ପାବନ
ଜୟ ଭୋଲାନାଥ ବୋଲବମ୍ ଧ୍ୱନିରେ
ଭକ୍ତିଭରା ହୁଏ ପରାଣ ।।
ସୋମବାର ଦିନ ଜଳ ଅଭିଷେକେ
ପ୍ରଭୁ ଶିବ ଜଲ୍‌ଦି ସନ୍ତୁଷ୍ଟ
ଆଚରନ୍ତି ଯେ ଶିରାବଣ ବରତ
ଦିବ୍ୟଜ୍ଞାନ ଲଭେ ସିଏତ ।।
କୁନି କାଉଡ଼ିଆ ସାଜି ଆମେ ସବୁ
ଜଳଭାର କାନ୍ଧେ ନେବାରେ
ପ୍ରଭୁଙ୍କୁ ପୂଜିବା ଜଳଦାନ କରି
ଭକ୍ତିଭରା ତନୁ-ମନରେ ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ୍ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*





# ଆସ ଆସ ମିତ ଜଳ ଢାଳିବା

*ପ୍ରଫୁଲ୍ଲ କୁମାର ସାହୁ*

ଆସ ଆସ ମିତ ଆସରେ ସଙ୍ଗାତ
ଓମ୍ ନମଃ ଶିବାୟ ଗାଇ,
ଜଳ ଭାର ନେଇ ମନ୍ଦିରକୁ ଯିବା
ଶିବଙ୍କୁ ପୂଜିବା ପାଇଁ ।୧।

ବରଷକେ ଥରେ ପୁଣ୍ୟ ଶ୍ରାବଣରେ
ମନେ ନିଷ୍ଠା ଭାବ ଘେନି,
ଜଳ ଢାଳି ଆମେ ଶିବଙ୍କୁ ପୂଜିଲେ
ଫଳ ଦେବେ ମନ ଜାଣି ।୨।

ଯୋଗର ଠାକୁର ସେ ଯେ ମହେଶ୍ୱର
ଜଳ ବେଲପତ୍ର ପାଇ,
ଭକତର ଦୁଃଖ କରିଥାନ୍ତି ଦୂର
ପୂଜାରେ ସନ୍ତୁଷ୍ଟ ହୋଇ ।୩।

ଶ୍ରାବଣ ମାସର ପ୍ରତି ସୋମବାର
ପ୍ରଭୁଙ୍କର ପ୍ରିୟ ବାର,
ଏହି ଦିନ ତାଙ୍କୁ ଭକ୍ତିରେ ପୂଜିଲେ
ଯାଚି ଦେଇଥାନ୍ତି ବର ।୪।

ନିଷ୍ପାପର ଭାବେ ରହି ଉପବାସ
ଯେ କରେ ଜଳ ଅର୍ପଣ,
ମହାଯୋଗୀ ଶିବ ହୋଇ ଯେ ପ୍ରସନ୍ନ
କରନ୍ତି ଇଚ୍ଛା ପୂରଣ ।୫।

କାହିଁ କେତେ ଦୂରୁ ପାଦେ ଚାଲି ଚାଲି
କାନ୍ଧେ ଜଳ ଭାର ଆଣି,
ଢାଳିଥାନ୍ତି ଭକ୍ତ ପ୍ରଭୁଙ୍କ ପୀଠରେ
ଜଣାଇ ନିଜ ମାଗୁଣି ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# କୁନି କାଉଡ଼ିଆ ସାଜି ମୁହିଁ ଯିବି...

*ରାମଚନ୍ଦ୍ର ବେହେରା*



ମହା ଶ୍ରାବଣର ପ୍ରତି ସୋମବାର
ପ୍ରଭୁ ଶିବଙ୍କର ବାର
ପୂଣ୍ୟ ଗଙ୍ଗାଜଳ କାନ୍ଧରେ କାନ୍ଧେଇ
ନେବି ମୁହିଁ ଜଳଭାର
ପଞ୍ଚାକ୍ଷରୀ ମନ୍ତ୍ର ଗାଇ
କୁନି କାଉଡିଆ ସାଜି ମୁହିଁ ଯିବି
ଶିବଙ୍କୁ ଭେଟିବା ପାଇଁ ।
ଦୁଦୁରା ଗଇସ ଚମ୍ପା ବେଲପତ୍ର
ଚଢାଇବି ବିଧି ମତେ
ଜଳଦାନ କରି ଦୀପ ଜଳାଇବି
ଭକ୍ତିଭାବ ରଖି ଚିତ୍ତେ
ବିନମ୍ର ପ୍ରଣତି ଢାଳି
ବନ୍ୟା ପୀଡିତଙ୍କୁ ସୁଖ ଶାନ୍ତି ମିଳୁ
ପ୍ରଭୁଙ୍କୁ କରିବି ଅଳି ।
କୁନି କାଉଡିଆ ବୋଲି ଭୋଳାନାଥ
ନକରିବେ ଅଣଦେଖା
କୋପେ ବର ଅବା ତପେ ବର ପ୍ରଭୁ
ସାଜିବେ ମୋହରି ସଖା
ଅରିଜିବି କୋଟି ପୂଣ୍ୟ
ପ୍ରଭୁ ମହେଶଙ୍କ ଶୁଭାଶିଷ ବଳେ
ଜୀବନ ହୋଇବ ଧନ୍ୟ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୨୪୬*

# ଧାରା ଶିରାବଣ ଚାଲିଛି

*କୀର୍ତ୍ତନ ସାହୁ*

ଧାରା ଶିରାବଣ ଚାଲିଛି
କୁଆଡେ ରହିଛି ମେଘ ଘୋଟି ଆସି
ଅସଡେ କଚାଡି ଦୋଉଛି ।

ମୌସୁମୀ ସକ୍ରିୟ ରହିଛି
ଲଘୁ ଚାପ ସଙ୍ଗେ ମିଶି ଗଲାବେଳେ
ପ୍ରବଳ ବରଷି ଯାଉଛି ।

ରୁଆ ପୋତାପୋତି କାମରେ
ଚାଷୀ ଭାଇକି ତ ଫୁରୁସତ ନାହିଁ
ପାଣି କାଦୁଅରେ ଲାଗେରେ ।

ବେଙ୍ଗ କଟ କଟ କରୁଛି
ଛୁଆ ଠାରୁ ବୁଢ଼ା ସଭିଙ୍କ ମନରେ
ଖୁସି ଭାବ ଟିକେ ଭରୁଛି ।

ଶାବକ ବସାରେ ରହିଛି
ମାଆ ପକ୍ଷୀ ଧରି ଆଧାର ଆସିବ
ବାଟକୁ ତାହାର ଚାହିଁଛି ।

ବାଟୋଇ ଭାଇଟି ଯାଏରେ
ଛତା ଆଣି ନାହିଁ ବାହାରି ଆସିଛି
ଭିଜି ଯାଇ କଷ୍ଟ ପାଏରେ ।

ଗାଆଁ ବରଗଛ ମୂଳରେ
ବରଷାରେ ଟିକେ ମୁଣ୍ଡ ଗୋଞ୍ଜିବାକୁ
ହୋଇଛନ୍ତି ଲୋକେ ଠୁଳରେ ।

ଝିପି ଝିପି ବର୍ଷା ହେଉଛି
ଟିକେ ଛାଡି ପୁଣି ମଝିରେ ମଝିରେ
ବରଷା କଚାଡି ଦେଉଛି ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷା- ୯୪୩୮୪୧୪୭୦୧*



# ବୋଲବମ୍ ଯିବା ନକରି ଡେରି



*ନିରଞ୍ଜନ ସାହୁ*



ଶିରାବଣ ମାସ ଆସିଛି ଫେରି
ବୋଲବମ୍ ଯିବା ନକରି ଡେରି
କାଉଡ଼ି କାନ୍ଧରେ ଧର
ଜପୁଥିବା ହରହର
ମହାଦେବଙ୍କର କୃପା ବରଷିବ
ନଥିବ କାହାକୁ ଡର ।
ଶନିବାର ନଦୀ ଘାଟକୁ ଯିବା
ଭକତି ଭାବରେ ସେଦିନ ଥିବା
କାଉଡିଆ ବେଶ ଧରି
କଳସୀରେ ଜଳ ଭରି
ବ୍ରାହ୍ମଣ ଗୋସାଇଁ ପୂଜା କରିଦେବେ
ମନ୍ତ୍ର ପାଠ କରିକରି ।
କାଉଡିକୁ ଆମେ କାନ୍ଧରେ ବହି
'ହରହର ଶମ୍ଭୁ' ଉଚ୍ଚରେ କହି
ଛାଡି ନଦୀକୂଳ ଘାଟ
ଚାଲିବା ଏଣିକି ବାଟ
ଶିବ ନାମେ ଜୟଧ୍ୱନି ଦେଉଥିବା
ଡାକିବା, 'ସଙ୍କଟ କାଟ ।'
ସ୍ଥାନେ ସ୍ଥାନେ ଟିକେ ବିଶ୍ରାମ ନେବା
ତାସାଥେ ଚାଲିବ ପ୍ରସାଦ ସେବା
ଶିବ ପଦେ ରଖି ଲୟ
ମନରେ ନରଖି ଭୟ
ରାତି ଅନ୍ଧାରରେ ବାଟ ବି ଚାଲିବା
ଏହି କଥା ପରା ଥୟ ।
ସୋମବାରେ ଜଳ କରିବା ଲାଗି
ଶିବଙ୍କ ଆଶିଷ ଆଣିବା ମାଗି
ଆମେ ଛୋଟ ଭକ୍ତଗଣ
ପ୍ରଣମିବା ଜଣଜଣ
କହିବା, ଠାକୁରେ ଫିଁ'ସନ ଆସିବୁ
ଆସିଗଲେ ଶିରାବଣ ।

*ନିହଳ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଆ...ରେ... ବଉଦ ଦେ...ରେ... ପାଣି



*ଧ୍ରୁବ ଚରଣ ବେହେରା*

ଝିପି ଝିପି ଦେଖ ବରଷା ଝଡି
ଦୂର ଆକାଶରୁ ଆସୁଛି ମାଡି
ଆ....ରେ... ବଉଦ ଦେ...ରେ... ପାଣି
ସୁନାର କ୍ଷେତରେ ହସୁ ଧରଣୀ ।୧।

ତୋ ପାଇଁ କୃଷକ ରହିଛି ଚାହିଁ
ଚାତକ ପକ୍ଷୀଟି ଅଣ୍ଟ ମେଲାଇ
ବରଷି ଦେ... ତୋ ଶୀତଳ ବାରି
ଶୋଷ ସେମାନଙ୍କ ଯାଉରେ ପୂରି ।୨।

କେଁ କଟରରେ ଶବ୍ଦ ଶୁଭଇ
ପର୍ବତ ଉପରେ ଶିଖି ନାଚଇ
ସଭିଙ୍କ ମନରେ ଶୀତଳ ଭରି
ଆ...ତୁ ସରଗୁ ମିତ ବିଚାରି ।୩।

ତୁ' ପରା ଆମ ଜୀବନ ମିତ
କୋଟି ପ୍ରାଣୀଙ୍କର ହରୁ ସଙ୍କଟ
ଗ୍ରୀଷ୍ମ ରହେ ନାହିଁ ଡରି ଯାଆଇ
ଶ୍ରାବଣର ଧାରା ଯେବେ ଝରଇ ।୪।

ଶସ୍ୟ, ଫଳ ଭରା ହୁଏ ଅବନୀ
ଦେଖିଲେ ଲାଗଇ ଶ୍ୟାମଳ ଭୂମି
ବରଷା କାଳଟି ମଙ୍ଗଳକାରୀ
ପାଳଇ ପରଜା ବରଷି ବାରି ।୫।

*ଅବସର ପ୍ରାପ୍ତ ଭାରତୀୟ ସାମରିକ ସେବା, ଅଠରବାଟିଆ, ବାଲୁଗାଁ*
*ମୋ-୮୩୨୮୯୩୦୫୫୪*

# ବଢ଼ିପାଣି ଦେଲା ଆଖିରେ ଲୁହ

*ପ୍ରଶାନ୍ତ କୁମାର ଦାଶ*



ବରଷା ହେଲା ନଈ ପୂରିଲା
ଭାଙ୍ଗିଲା ବନ୍ଧ ବାଡ
ଦେଖିକି ନଈ ଡରୁଆ ରୂପ
ଥରିଲା ଛାତି ହାଡ ।।
ମାଡ଼ି ଆସିଲା ନଈର ପାଣି
ମାନିଲା ନାହିଁ କିଛି
କ୍ଷେତ ଫସଲ ଗଛ ବୁରୁଛ
ସବୁତ ଦେଲା ପୋଛି ।।
ଗାଆଁରେ ପଶି ଭାଙ୍ଗିଲା ଘର
ଝାଟି ମାଟି ଓ ଚାଳ
ଆସିଲା ଘୋଟି ଦୁଃଖ ବିପଦ
ସାଜି ସଭିଙ୍କ କାଳ ।।
କୁନା ମୁନାଙ୍କ ବହି ଖାତାକୁ
ଭସାଇନେଲା ପାଣି
ଢେଉ ତୋଳି ସେ ଗର୍ଜନ କଲା
ଦେଖାଇ କେତେ ଠାଣି ।।
କୁନି ଖେଳନା କଣ୍ଢେଇ ଯେତେ
ପାଣିରେ ଗଲା ଭାସି
ପିଲାଙ୍କ ଆଖି ଉହାଡେ ଲୁହ
ଦେଲା ଯେ ବଢ଼ି ଆସି ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# କିଏ ଦେବ ମୋତେ ଆଉ ସେ ଦିନ

*ସୁରମା ମିଶ୍ର*



ଆସନ୍ତା କି ଥରେ ମୋ ପିଲା ବେଳ
ଗାଆଁ ଦାଣ୍ଡେ ଯାଇ ଖେଳନ୍ତି ଖେଳ
ଡୁ ଡୁ ବୋହୂଚୋରି ଓ ଲୁଚକାଳି
ଖେଳୁଥାନ୍ତି ସଭିଙ୍କ ସଙ୍ଗେ ମିଳି ॥

କଙ୍କି ପଛେ ପଛେ ଧାଇଁ ଯାଆନ୍ତି
ଗୋଡେ ସୂତା ବାନ୍ଧି ଉଡାଉଥାନ୍ତି
ଛପି ଛପି ପ୍ରଜାପତି ଧରନ୍ତି
ହାତେ ଧରି ତାକୁ ଗେଲ କରନ୍ତି ॥

ବରଷା ଦିନେ ଗାଆଁ ଦାଣ୍ଡରେ
ଡଙ୍ଗା ଭସାନ୍ତି ଖୁସି ମନରେ
ସାଧବ ପୋକ ଘାସରୁ ଧରି
ଫରୁଆରେ ତାକୁ ରଖନ୍ତି ଭରି ॥

ଗାଆଁ ଗୋହିରୀରୁ ମାଛ ଧରନ୍ତି
ବୋଉ ପାଖେ ନେଇ ଥୋଇ ଦିଅନ୍ତି
ମାଛ ଭାଜି ବୋଉ ଭାତ ଖୁଆନ୍ତା
କାନି ଘୋଡ଼ାଇ ଶୁଆଇ ଦିଅନ୍ତା ॥

ଗାଆଁଘର ଆଉ ନାହିଁରେ ନାହିଁ
ସ୍ମୃତିକୁ ସାଉଁଟି ବଞ୍ଚିଛି ମୁହିଁ
ସପନ ଦେଖଇ ରାତି ଅଧରେ
ବୋଉ ବୋଉ ବୋଲି ଡାକେ ଆତୁରେ ॥

କିଏ ଦେବ ମୋତେ ଆଉ ସେ ଦିନ
ଝୁରି ଝୁରି ଖାଲି ଯିବ ଜୀବନ
ହେ କଳା ଶ୍ରୀମୁଖ ଘେନ ଗୁହାରୀ
ଏ ଭବସାଗରୁ କର ହେ ପାରି ॥

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ସାନୁ ଓ ସିନୁ


ଶୁଭନାରାୟଣ ଶତପଥୀ



ସାନୁ ସବୁବେଳେ ତାର ସାନଭାଇକୁ ଚିଡାଏ । କେବେ କଥାରେ ତ କେବେ ଇଙ୍ଗିତରେ ତ ଆଉ କେବେ ତା ଚୁଟିକୁ ଭିଡି । ବାପା ମାଆ ସାନୁ ଉପରେ ରାଗନ୍ତି । କୁହନ୍ତି କାହିଁକି ଛୋଟ ପିଲାଟାକୁ ହଇରାଣ କରୁଛୁ ? ସାନୁ ଜମାରୁ ଶୁଣେ ନାହିଁ । ପୁଣି ବାରମ୍ବାର ସିନୁ ସହିତ ଲାଗେ । ଥରେ ସିନୁକୁ ସାନୁ ଏମିତି ଚିଡେଇଲା ଯେ ସିନୁ କିଛି ନଖାଇ ନପିଇ କାନ୍ଦି କାନ୍ଦି ଶୋଇପଡିଲା । ସାନୁକୁ ତାର ମାଆ କହିଲେ ଦେଖିଲୁ ତ ସେ କେତେ ନିରୀହ । କିନ୍ତୁ ସାନୁକୁ କିଛି ଫରକ ପଡୁନଥିଲା ।

ରାତିରେ ଖାଇପିଇ ସାନୁ ବି ଶୋଇବାକୁ ଗଲା । ସାନୁ ରାତିରେ ସ୍ୱପ୍ନ ଦେଖିଲା । ତା ବିଦ୍ୟାଳୟର ସାଙ୍ଗ ଇନୁ ସହିତ ସେ ସେମିତି ଲାଗୁଛି । ଇନୁକୁ ସେ ଚିଡେଇବାରୁ ସେ ସାନୁକୁ ଏକ ଖାଲ ପାଖକୁ ଡାକି ସେହି ଖାଲକୁ ଠେଲିଦେଲା । ସ୍କୁଲ ଛୁଟି ହେବା ସମୟ ହେଲା । ସମସ୍ତେ ଯେ ଯୁଆଡ଼େ ଚାଲିଗଲେଣି । ସଞ୍ଜ ନଇଁ ଆସୁଥାଏ । ଖାଲ ଭିତରେ ପଡ଼ି ସାନୁ ଭୟରେ ଥରୁଥାଏ । କାରଣ ତାକୁ ରାତିସାରା ସେହି ଖାଲରେ ରହିବାକୁ ପଡ଼ିବ । ସେ ରଡି ଛାଡିବାକୁ ଲାଗିଲା । ତାପାଟିରୁ ବାହାରୁଥାଏ ସିନୁ ମୋତେ ବଞ୍ଚା । କୋଉଠିଥିଲା ସିନୁ କେଜାଣି ଭାଇର ଡାକ ଶୁଣି ଧାଇଁ ଆସିଲା । ବଡ଼ ଦଉଡ଼ିଟିଏ ଆଣିଲା । ପାଖରେ ଥିବା ଏକ ବଡ଼ ଗଛର ଗଣ୍ଡିରେ ଦଉଡିକୁ ବାନ୍ଧି ଦେଲା । ଦଉଡ଼ିର ଅନ୍ୟ ପାଖକୁ ଖାଲ ଭିତରକୁ ପକାଇଦେଲା । ଦଉଡ଼ି ସାହାଯ୍ୟରେ ସାନୁ ଉପରକୁ ଉଠି ଆସିଲା । ହଠାତ୍ ସାନୁର ନିଦ ଭାଙ୍ଗିଗଲା । ଉଠି ଦେଖେତ ତା ଦେହସାରା ଝାଳ । ସିନୁ ତା ପାଖରେ ଶୋଇଥାଏ । ଆଉଁସି ଦେଲା ତା ମୁଣ୍ଡକୁ । ଜେଜେଙ୍କ ଠାରୁ ଶୁଣିଥିଲା ଅସୁବିଧାରେ ଭାଇ ହିଁ ସାହା । ଆଉ ସିନୁକୁ କେବେ ସାନୁ ଚିଡାଇବାର କେହି ଦେଖି ନାହାଁନ୍ତି । ଦୁଇ ଭାଇ ଖୁବ୍ ଖୁସିରେ ଚଳିଲେ ।

*ବିଜିପୁର, ବ୍ରହ୍ମଗିରି, ପୁରୀ*
*ମୋ-୯୩୮୪୩୨୦୨୩*

## ‘ରାହାଣେଙ୍କୁ ଯେଉଁ ଶ୍ରେୟ ମିଳିବା କଥା ମିଳିନି’ : ଗାଭାସ୍କର

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଅଜିଙ୍କ୍ୟ ରାହାଣେ ନିକଟରେ କ୍ରିକେଟରୁ ସନ୍ୟାସ ଘୋଷଣା କରିଛନ୍ତି। ବହୁ ପୂର୍ବତନ ଖେଳାଳି ତାଙ୍କ ଖେଳ ଜୀବନକୁ ପ୍ରଶଂସା କରୁଛନ୍ତି। ପୂର୍ବତନ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି। ରାହାଣେଙ୍କୁ ରାହୁଲ ଦ୍ରାବିଡ଼ଙ୍କ ସହ ତୁଳନା କରିଛନ୍ତି ଲିଟିଲ୍ ମାଷ୍ଟର ସୁନୀଲ ଗାଭାସ୍କର। ସେ କହିଛନ୍ତି ତାଙ୍କ ସଫଳତା ସବୁବେଳେ ଆଢୁଆଳରେ ରଖାଯାଇଛି। ଯେପରି ରାହୁଲ ଦ୍ରାବିଡ଼ଙ୍କୁ ତାଙ୍କ ସଫଳତା ଅନୁସାରେ ଶ୍ରେୟ ମିଳିନଥିଲା ଠିକ୍ ସେହିପରି ରାହାଣେଙ୍କୁ ମଧ୍ୟ ମିଳିନାହିଁ। ରାହାଣେଙ୍କୁ ତାଙ୍କ ଅଧିକାର ମିଳିନାହିଁ ବୋଲି କହିଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର।

ଗାଭାସ୍କର କହିଛନ୍ତି, ‘ରାହାଣେଙ୍କ ଅଧିନାୟକତ୍ୱ ରେକର୍ଡ ବେଶ୍ ଅଦ୍ଭୁତ। ୬ଟି ମ୍ୟାଚ୍‌ରେ ନେତୃତ୍ୱ ନେଇ ୪ଟିରେ ଦଳକୁ ଜିତାଇଥିଲେ। ଦଳ ଗୋଟିଏ ବି ମ୍ୟାଚ୍ ହାରି ନଥିଲା। ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ଅଧିନାୟକ ଭାବେ ଏହି ଖେଳାଳିମାନଙ୍କୁ ଯେଉଁ ଶ୍ରେୟ ମିଳିବା କଥା ତାହା ମିଳି ନାହିଁ। ଆମ ଦେଶରେ ଦଳ ଯେତେବେଳେ ବିଜୟୀ ହୁଏ, ଆମେ ସବୁବେଳେ ବ୍ୟକ୍ତିଗତ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପ୍ରଶଂସା କରୁ, ଶ୍ରେୟ ଦେଉ। କିନ୍ତୁ ଦଳ ଯେତେବେଳେ ପରାଜିତ ହୁଏ ସେତେବେଳେ ଅଧିନାୟକ ଓ କୋଚଙ୍କୁ ସମାଲୋଚନା କରାଯାଏ।’ ଅଷ୍ଟ୍ରେଲିଆ ଗସ୍ତରେ (୨୦୨୦-୨୧) ଭାରତୀୟ ଦଳ ପ୍ରଥମ ମ୍ୟାଚ ହାରିବା ପରେ ରାହାଣେଙ୍କ ନେତୃତ୍ୱରେ ଦଳ ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା, ତାହା ବେଶ ପ୍ରଶଂସନୀୟ ରହିଥିଲା। ଗାବା ଟେଷ୍ଟରେ ଦଳ ଐତିହାସିକ ବିଜୟ ହାସଲ କରିଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ଭାରତୀୟ କ୍ରିକେଟରେ ଏହା ପୁରୁଣା ପରମ୍ପରା ରହିଛି। ଯେତେବେଳେ ଦଳ ଜିତେ ତେବେ ତାହାର ଶ୍ରେୟ ବ୍ୟକ୍ତିଗତ ସଫଳତାକୁ ଦିଆଯାଏ କିନ୍ତୁ ଦଳ ହାରିଲେ ଅଧିନାୟକ ଅପବାଦ ସହନ୍ତି।

ସୂଚନାଯୋଗ୍ୟ ଯେ, ସପ୍ତାହ ତଳେ ହଠାତ୍ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ ଅଜିଙ୍କ୍ୟ ରାହାଣେ। ସବୁବେଳେ ଶାନ୍ତ ରହୁଥିବା ଖେଳାଳି ଅଚାନକ ଏପରି ନିଷ୍ପତ୍ତି ନେଇ ତାଙ୍କ ଫ୍ୟାନ୍ସଙ୍କୁ ଚକିତ କରି ଦେଇଥିଲେ। ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଆଡିଲେଡ଼ରେ ୩୬ ରନରେ ଆଉଟ ହେବା ପରେ ରାହାଣେ ଭାରତକୁ ବଞ୍ଚାଇଥିଲେ। ଶତକୀୟ ପାଳି ଖେଳି ବିଜୟ ପଥ ପରିଷ୍କାର କରିଥିଲେ। ତାଙ୍କର ଏହି ଅବଦାନ ପ୍ରତିଟି କ୍ରିକେଟ ଫ୍ୟାନ୍ ମନେ ରଖିବେ। ରାହାଣେ ସେହି ଖେଳାଳିଙ୍କ ମଧ୍ୟରୁ ଜଣେ ଯାହାଙ୍କର କେହି ଶତ୍ରୁ ନାହାନ୍ତି। ସବୁବେଳେ ଶାନ୍ତ ରାହାଣେ କ୍ରିକେଟ ଉପରେ ଫୋକସ କରୁଥିଲେ। ଅବସର ଘୋଷଣା କରିବା ସମୟରେ ରାହାଣେ ଭାବୁକ ହୋଇପଡ଼ିଥିଲେ। ତାଙ୍କ ଆଖିରେ ଲୁହ ଆସିଯାଇଥିଲା।

# ଟେଷ୍ଟ ସିରିଜ୍ ପାଇଁ ଶ୍ରୀଲଙ୍କାରେ ପହଞ୍ଚିଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**



୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଭାରତୀୟ ଦଳ ଶ୍ରୀଲଙ୍କାରେ ପହଞ୍ଚିଛି। ଦଳ ସହ ନେଟ୍ ବୋଲରମାନେ ମଧ୍ୟ ଶ୍ରୀଲଙ୍କା ଗସ୍ତ କରିଛନ୍ତି। ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଦୁଇଟି ଟେଷ୍ଟ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କାରେ ପହଞ୍ଚିଛି। କିନ୍ତୁ ଆହତ ହୋଇ ବାଦ ପଡ଼ିଥିବା ଯଶପ୍ରୀତ ବୁମ୍ରାଙ୍କ ସମେତ ଅନେକ ପ୍ରମୁଖ ଖେଳାଳିଙ୍କ ଆଘାତ ସେମାନଙ୍କ ସୁଯୋଗରେ ବାଧା ଦେଉଛି। ଷ୍ଟାର ଓପନର ସାଇ ସୁଦର୍ଶନଙ୍କ ଦେଖା ମିଳି ନାହିଁ। ସେ ଦଳ ସହ ଶ୍ରୀଲଙ୍କା ଯାତ୍ରା କରିନାହାନ୍ତି। ସେ ଏପର୍ଯ୍ୟନ୍ତ ଫିଟ୍ ହୋଇନାହାନ୍ତି। ସାଇ ସୁଦର୍ଶନଙ୍କ ବିନା ଅଧିନାୟକ ଶୁଭମନ ଆଣ୍ଡ କୋ ଶ୍ରୀଲଙ୍କାରେ ପହଞ୍ଚିଛି। ସାଇ ସୁଦର୍ଶନଙ୍କ ରିପ୍ଲେସମେଣ୍ଟ କିଏ ହେବ ତାହା ଚିନ୍ତାର କାରଣ ହୋଇଛି।

ପ୍ରଥମ ଟେଷ୍ଟ ଆରମ୍ଭ ହେବାକୁ ଆଉ ୧୦ ଦିନ ବାକି ରହିଥିବାରୁ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ଧୈର୍ଯ୍ୟର ସହ ତାଙ୍କ ଉପସ୍ଥିତିକୁ ଅପେକ୍ଷା କରିବାକୁ ପ୍ରସ୍ତୁତ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଥିବା ଭାରତ ପାଇଁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ଯଶପ୍ରୀତ ବୁମ୍ରା ବାଦ୍ ପଡ଼ି ସାରିଛନ୍ତି। ସୁଦର୍ଶନ ଦଳ ସହ ଯାତ୍ରା କରି ନଥିବାରୁ ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିପାରିବେ ନାହିଁ। ଗତ ମାସରେ ଭାରତ ‘ଏ’ ଦଳ ଏକ ୨ ମ୍ୟାଚ୍ ବିଶିଷ୍ଟ ଅନଫିସିଆଲ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଶ୍ରୀଲଙ୍କା ଯାତ୍ରା କରିଥିଲା। ଉକ୍ତ ସିରିଜ ବେଳେ ସୁଦର୍ଶନ ଆହତ ହୋଇଥିଲେ।

ତାଙ୍କ ଅନୁପସ୍ଥିତିରେ ଟିମ୍ ମ୍ୟାନେଜମେଣ୍ଟ ଦେବଦତ୍ତ ପାଡ଼ିକଲଙ୍କୁ ଓପନର ଭାବେ ପରୀକ୍ଷା କରାଇବା ଆଶା କରାଯାଉଛି। ପାଡ଼ିକଲ ମଧ୍ୟ ଉକ୍ତ ଅନଫିସିଆଲ ଟେଷ୍ଟ ସିରିଜ୍ ଖେଳିଥିଲେ। ଉଭୟ ମ୍ୟାଚରେ ସେ ଯଥାକ୍ରମେ ୬୭ ଓ ୯୪ ରନ୍‌ର ଇନିଂସ ଖେଳିଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଉଭୟ ନବାଗତ ସାରାଂଶ ଜୈନ ଓ ଆକିବ ନବିଙ୍କୁ ଖେଳାଇବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ଯୋଜନା କରିବ। ଶ୍ରୀଲଙ୍କା ଦଳରେ ବାମ ହାତି ବ୍ୟାଟରଙ୍କ ସଂଖ୍ୟା ଅଧିକ ରହିଥିବାରୁ ଡାହାଣ ହାତି ଅଫ ସ୍ପିନର ଭାବେ ସାରାଂଶ ଖେଳିବା ସମ୍ଭାବନା ଅଧିକ। କାରଣ ବାମ ହାତି ସ୍ପିନର ଭାବେ ରବିନ୍ଦ୍ର ଜାଡ଼େଜା ଓ କୁଲଦୀପ ଯାଦବ ଖେଳିବା ନିଶ୍ଚିତ। ୨ ଦିନ ପରେ ମୈଦାନକୁ ଓହ୍ଲାଇବ ଟିମ୍ ଇଣ୍ଡିଆ। ଆସନ୍ତା ୭ ତାରିଖରେ ୩ଦିନିଆ ମ୍ୟାଚ୍ ଖେଳିବ ଭାରତ। ଅଗଷ୍ଟ ୧୭ରୁ ପ୍ରଥମ ଟେଷ୍ଟ ଖେଳାଯିବ। ଏହି ସିରିଜ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଭାଗ୍ୟ ନିର୍ଦ୍ଧାରଣ କରିବ ଏହି ସିରିଜ। ୨୦୨୫/୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ଭାରତ ଇତି ମଧ୍ୟରେ ୯ଟି ମ୍ୟାଚ୍ ଖେଳି ସାରିଛି। ୪ ବିଜୟ ଓ ୪ ପରାଜୟ ସହ ଦଳ ମୋଟ୍ ୪୮.୧୫୦% ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି। ଆଗକୁ ଭାରତ ଆଉ ୯ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀଲଙ୍କାରେ ୨ଟି ମ୍ୟାଚ୍ ଖେଳିବା ପରେ ପରବର୍ତ୍ତୀ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିବ।

## ଅଗରକରଙ୍କ ସ୍ଥାନ ନେଇପାରନ୍ତି ଲକ୍ଷ୍ମଣ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେଉଛି। ଏହାକୁ ଆଉ ବଢ଼ାଇବା ସପକ୍ଷରେ ନାହିଁ ବିସିସିଆଇ। ତାଙ୍କ ସ୍ଥାନ ମହାନ ବ୍ୟାଟର ଭିଭିଏସ୍ ଲକ୍ଷ୍ମଣ ନେବାର ସମ୍ଭାବନା ରହିଛି। ଅଗରକରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍‌ରେ ଶେଷ ହୋଇଥିଲା। ହେଲେ ବିସିସିଆଇ ତାଙ୍କ କାର୍ଯ୍ୟକାଳ ଆଉ ୩ ମାସ ବଢ଼ାଇଥିଲା। ଅନ୍ୟପକ୍ଷରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅନ୍ୟ ଦଳୀୟ ପଦାଧିକାରୀଙ୍କ ସହ ସମ୍ପର୍କ ଭଲ ଥିବାରୁ ପୂର୍ବତନ ମୁମ୍ବାଇ ଦ୍ରୁତବୋଲର ଅଗରକର ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ଆଶା ରଖିଥିଲେ। ତେବେ ଗତ ମାସରେ ଇଂଲଣ୍ଡରେ ଆୟୋଜିତ ଦିନିକିଆ ଶୃଙ୍ଖଳା ବେଳେ ରୋହିତ ଶର୍ମାଙ୍କ ଅବସର ଗୁଜବ ଉଠିଥିଲା। ବିସିସିଆଇ ଅଧ୍ୟକ୍ଷ ଦେବଜିତ ସାଇକିଆ ଏଥିରେ ହସ୍ତକ୍ଷେପ କରି କହିଥିଲେ, ଯେ ପର୍ଯ୍ୟନ୍ତ ରୋହିତ ଦଳୀୟ ଯୋଜନାରେ ଥିବେ ସେ ପର୍ଯ୍ୟନ୍ତ ଖେଳିବେ। ଏହି ବିବାଦ ଅଗରକରଙ୍କୁ ବିଦା କରିବାର ବାଟ ଫିଟାଇଥିଲା।

ଅଗରକରଙ୍କ ସ୍ଥାନରେ ବିସିସିଆଇ ଉତ୍କର୍ଷ କେନ୍ଦ୍ରର ମୁଖ୍ୟ ଲକ୍ଷ୍ମଣଙ୍କୁ ବିସିସିଆଇର ପଦାଧିକାରୀମାନେ ନିଯୁକ୍ତି କରିବାକୁ ଚାହୁଁଛନ୍ତି। କାରଣ ଲକ୍ଷ୍ମଣ ଦୁଇ ବରିଷ୍ଠ ଖେଳାଳି ରୋହିତ ଓ ବିରାଟ କୋହଲି ପ୍ରତି ମନୋଭାବ ଭଲ ରହିବାର ସମ୍ଭାବନା ରହିଛି। ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତି ବିଷୟରେ ଆଗାମୀ ସେପ୍ଟେମ୍ବରରେ ହେବାକୁ ଥିବା ବିସିସିଆଇ ବାର୍ଷିକ ସାଧାରଣ ବୈଠକରେ ଚୂଡ଼ାନ୍ତ ହୋଇପାରେ। ୨୦୦୩ ଅକ୍ଟୋବରରୁ ଅଗରକର ନେତୃତ୍ୱରେ ଭାରତୀୟ ଦଳ ଚୟନ ହେଉଛି। ତାଙ୍କ ଚୟନିତ ଦଳ ୪ ଆଇସିସି ଫାଇନାଲ୍‌ରେ ପହଞ୍ଚିବା ସହ ୩ ଟ୍ରଫି (୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍, ଆଇସିସି ଚାମ୍ପିଅନ୍ସ ଟ୍ରଫି) ଜିତିଛି। ତାଙ୍କ ସମୟରେ ରୋହିତ ଓ ବିରାଟ ଟେଷ୍ଟ୍ କ୍ରିକେଟ୍‌ରୁ ଅବସର ନେଇଥିଲା ବେଳେ ବରିଷ୍ଠ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସୁଯୋଗ ମିଳୁନି। ୨୦୨୧ରୁ ସିଇଓ ମୁଖ୍ୟ ରହିଥିବା ଲକ୍ଷ୍ମଣ ବିଭିନ୍ନ ସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ତାଙ୍କ ପ୍ରଶିକ୍ଷଣରେ ଦଳ ଜିମ୍ବାୱେରେ ୩-୦ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିଲା। ଆଗାମୀ ଏସୀୟ କ୍ରୀଡ଼ାରେ ତାଙ୍କ ପ୍ରଶିକ୍ଷଣରେ ଦଳ ଖେଳିବ।

## ଭାରତ ଉପରେ ଭାରି ପଡ଼ିବ ଶ୍ରୀଲଙ୍କାରେ ପରାଜୟ, ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଭାଗ୍ୟ ନିର୍ଦ୍ଧାରଣ କରିବ ଏହି ସିରିଜ୍

**ନୂଆଦିଲ୍ଲୀ**

୨୦୨୫/୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ଭାରତ ଇତି ମଧ୍ୟରେ ୯ଟି ମ୍ୟାଚ ଖେଳି ସାରିଛି। ୪ ବିଜୟ ଓ ୪ ପରାଜୟ ସହ ଦଳ ମୋଟ୍ ୪୮.୧୫୦% ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି। ଆଗକୁ ଭାରତ ଆଉ ୯ଟି ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀଲଙ୍କାରେ ୨ଟି ମ୍ୟାଚ ଖେଳିବା ପରେ ପରବର୍ତ୍ତୀ ଟେଷ୍ଟ ସିରିଜ ଖେଳିବା ପାଇଁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଦଳ ୨ଟି ଟେଷ୍ଟ ଖେଳିବ। ଆସନ୍ତା ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସି ୫ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଖେଳିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଭେଟିବା ପୂର୍ବରୁ ଭାରତ ୨-୦ରେ ଶ୍ରୀଲଙ୍କାକୁ ହରାଇ ଯଥା ସମ୍ଭବ ପଏଣ୍ଟ ହାତେଇବା ଜରୁରି। ଗତ ୨୦୨୩/୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ପରାଜିତ ହେବା ସହ ଭାରତର ଫାଇନାଲ୍ ସ୍ୱପ୍ନ ଧୂଳିସାତ୍ ହୋଇ ଯାଇଥିଲା। ଏହାପରେ ବର୍ଡର-ଗାଭାସ୍କର ଟ୍ରଫି ପରାଜୟ ଭାରତକୁ ବିଦାୟ ଦ୍ୱାର ଦେଖାଇଥିଲା। ଏଥର ପୂର୍ବ ଭୁଲ ଦୋହରାଇବା ଭାରତ ପାଇଁ ମହଙ୍ଗା ପଡ଼ିବ।

## ସେଣ୍ଟ ଲୁଇସ ରାପିଡ୍ ଚେସ୍

# ୧୨ ପଏଣ୍ଟ ସହ ଶୀର୍ଷରେ ଗ୍ରାଣ୍ଡ ମାଷ୍ଟର ପ୍ରଜ୍ଞାନନ୍ଦ

**ସେଣ୍ଟ ଲୁଇସ (ଆମେରିକା)**




ଭାରତୀୟ ଗ୍ରାଣ୍ଡମାଷ୍ଟର, ଯୁବ ଚେସ୍ ତାରକା ଆର. ପ୍ରଜ୍ଞାନନ୍ଦ ସେଣ୍ଟ ଲୁଇସ ରାପିଡ୍ ଏବଂ ବ୍ଲିଟଜ ଚେସ୍ ପ୍ରତିଯୋଗିତାର ରାପିଡ ଇଭେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ କରିଛନ୍ତି। ମୋଟ ୧୮ ପଏଣ୍ଟରୁ ୧୨ ପଏଣ୍ଟ ହାସଲ କରି ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଚଳିତବର୍ଷ ଶେଷ ଆଡ଼କୁ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର୍ (ଜିସିଟି) ଫାଇନାଲ୍ ପାଇଁ ତାଙ୍କର ଯୋଗ୍ୟତା ଅର୍ଜନ ନେଇ ଆଶା ଉଜ୍ଜିବିତ ରହିଛି।

୨୦୨୬ ବିଶ୍ୱ ଚେସ୍ ଚାମ୍ପିଅନ୍‌ସିପ୍ ଦୌଡ଼ରୁ ବାଦ୍ ପଡ଼ିଥିବା ପ୍ରଜ୍ଞାନନ୍ଦ, ରାପିଡ ପ୍ରତିଯୋଗିତାରେ ୯ଟି ରାଉଣ୍ଡରେ ଅଭିନବ କୌଶଳ ଏବଂ ସଠିକ୍ ଚାଲ୍ ସହିତ ସୁନ୍ଦର ମାଇଣ୍ଡ ଗେମ୍ ପ୍ରଦର୍ଶନ କରିଥିଲେ। ଯଦିଓ ନବମ ତଥା ଶେଷ ରାଉଣ୍ଡରେ ନେଦରଲାଣ୍ଡର ଗ୍ରାଣ୍ଡମାଷ୍ଟର ଜୋର୍ଡାନ୍ ଭାନ୍ ଫରେଷ୍ଟଙ୍କଠାରୁ ସେ ପରାସ୍ତ ହୋଇଥିଲେ। ତେବେ ଗୋଟିଏ ପଏଣ୍ଟ ଅଗ୍ରଣୀ ବଜାୟ ରଖି ପ୍ରଜ୍ଞାନନ୍ଦ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସେ ଦ୍ୱିତୀୟ ସ୍ଥାନରେ ଥିବା ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କୁ ପଛରେ ପକାଇଥିଲେ। ଚଳିତ ବର୍ଷର ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ସିନ୍ଦାରୋଭ ଭାରତର ଡି. ଗୁକେଶଙ୍କ ବିପକ୍ଷରେ ଖେଳିବେ।

ପ୍ରତିଯୋଗିତାର ଚୂଡ଼ାନ୍ତ ଫଳ କେବଳ ରାପିଡ୍ ବିଭାଗ ଆଧାରରେ ନିର୍ଣ୍ଣୟ ହୋଇନଥାଏ। ୧୮ଟି ବ୍ଲିଟଜ ମୁକାବିଲା ଖେଳାଯାଇ ବିଜେତା ଚୟନ କରାଯାଏ। ଏହି ପ୍ରତିଯୋଗିତାର ମୋଟ ପୁରସ୍କାର ରାଶି ୨ ଲକ୍ଷ ଆମେରିକୀୟ ଡଲାର ରହିଥିବା ବେଳେ ବିଜେତାଙ୍କୁ ୫୦ ହଜାର ଆମେରିକୀୟ ଡଲାର ପ୍ରଦାନ କରାଯାଏ।

ରାପିଡ୍ ବିଭାଗରେ ମୋଟ ୯ଟି ଗେମ୍ ରୁ ପ୍ରଜ୍ଞାନନ୍ଦ ୪ଟିରେ ବିଜୟ, ୪ଟି ଡ୍ର’ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ହାସଲ କରିଛନ୍ତି। ବର୍ତ୍ତମାନ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ୧୮ ରାଉଣ୍ଡ ବିଶିଷ୍ଟ ବ୍ଲିଟଜ୍ ମୁକାବିଲା ଉପରେ ରହିଛି। ଏଥିରେ ପ୍ରତ୍ୟେକ ବିଜୟ ପାଇଁ ୧ ପଏଣ୍ଟ ମିଳିବ।

ପ୍ରତିଯୋଗିତାରେ, ୧୧ ପଏଣ୍ଟ ସହ ସିନ୍ଦାରୋଭ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଆମେରିକାର ୱେସ୍ଲି ସୋ ୧୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ଆମେରିକାର ଲେଭନ୍ ଆରୋନିଆନ୍, ନେଦରଲାଣ୍ଡର ଅନୀଶ ଗିରି, ଆମେରିକାର ଲେନିୟର ଡୋମିଙ୍ଗେଜ୍ ପେରେଜ୍ ଏବଂ ଜର୍ମାନୀର ଭିନ୍‌ସେଣ୍ଟ କାଇମର ୯ ପଏଣ୍ଟ ଲେଖାଏଁ ହାସଲ କରି ଯୁଗ୍ମ ଭାବେ ପରବର୍ତ୍ତୀ ସ୍ଥାନରେ ଅଛନ୍ତି। ୧୦ ଜଣ ଖେଳାଳିଙ୍କୁ ନେଇ ରାଉଣ୍ଡ ରବିନ୍ ପର୍ଯ୍ୟାୟ ଶେଷ ହେବା ପରେ ପାରମ୍ପରିକ କ୍ଲାସିକାଲ୍ ଫର୍ମାଟ୍‌ରେ ସିଙ୍କଫିଲ୍ଡ କପ୍ ଆୟୋଜିତ ହେବ।

## ୨୦୨୭ ଓଡିଆଇ କାର୍ଯ୍ୟସୂଚୀ ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**

୨୦୨୭ ଓଡିଆଇ ବିଶ୍ୱକପର କାର୍ଯ୍ୟସୂଚୀକୁ ନେଇ ଏକ ବଡ଼ ଅପଡେଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟୁର୍ଣ୍ଣାମେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ପାଇଁ ତାରିଖ ଘୋଷଣା କରିଛି। ୧୦ଟି ଦଳକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ୨୨ ଫେବୃୟାରୀରୁ ୨୩ ମାର୍ଚ୍ଚ, ୨୦୨୭ ମଧ୍ୟରେ ଅନୁଷ୍ଠିତ ହେବ।

ତାରିଖ ଘୋଷଣା କରାଯାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ପାଇଁ ସ୍ଥାନ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏହା ଉଲ୍ଲେଖନୀୟ ଯେ ଆଗାମୀ ବିଶ୍ୱକପ ୧୪ ଦଳକୁ ନେଇ ଏକ ନୂତନ ଫର୍ମାଟ ଅନୁଯାୟୀ ଖେଳାଯିବ। ଯୋଗ୍ୟତା ପର୍ଯ୍ୟାୟରୁ ବିଜେତା ଦଳ ୧୪-ଦଳୀୟ ଲାଇନଅପରେ ସିଧାସଳଖ ସ୍ଥାନ ସୁରକ୍ଷିତ କରିବ।

ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରୁଥିବା ଦଳଗୁଡ଼ିକ ମଧ୍ୟରେ ଏକ ‘ସୁପର ସିରିଜ୍’ ଖେଳାଯିବ; ଏହା ବିଶ୍ୱକପର ପ୍ରଥମ ପର୍ଯ୍ୟାୟ ଭାବରେ କାର୍ଯ୍ୟ କରିବ। ଏହି ପର୍ଯ୍ୟାୟର ବିଜେତା ଶ୍ରେଷ୍ଠ ୧୨ରେ ସ୍ଥାନ ସୁରକ୍ଷିତ କରିବ।

ବିଶ୍ୱକପ ତିନୋଟି ଦେଶ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯିବ: ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିୟା। ମ୍ୟାଚ ୧୨ଟି ଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହେବ, ଯେଉଁଥିରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ସଂଖ୍ୟକ ଭେନ୍ୟୁ (ଆଠଟି) ଆୟୋଜନ କରିବ। ଜିମ୍ବାୱେ ତିନୋଟି ସ୍ଥାନ ଆୟୋଜନ କରିବ ଏବଂ ନାମ୍ବିୟା ଗୋଟିଏ ସ୍ଥାନ ଆୟୋଜନ କରିବ। ବିଶ୍ୱକପ ଅକ୍ଟୋବର ୪ ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ଦଶଟି ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏଥିରେ ସେପ୍ଟେମ୍ବର ୩୦, ୨୦୨୬ ସୁଦ୍ଧା ଓଡିଆଇ ର୍ୟାଙ୍କିଙ୍ଗରେ ସବୁଠାରୁ ନିମ୍ନରେ ଥିବା ଦୁଇଟି ‘ପୂର୍ଣ୍ଣ ସଦସ୍ୟ’ ଦଳ (ଆୟୋଜକ, ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେକୁ ବାଦ୍ ଦେଇ), ସିଡବ୍ଲୁସି ଲିଗ ୨ର ଶୀର୍ଷ ଚାରିଟି ଦଳ ଏବଂ ବିଶ୍ୱକପ ଯୋଗ୍ୟତା ପ୍ଲେ-ଅଫର ଶୀର୍ଷ ଚାରିଟି ଦଳ ଅନ୍ତର୍ଭୁକ୍ତ ହେବେ।

## ବିଶ୍ୱ ଟାଇକୋଣ୍ଡୋ ପୁମ୍‌ସେ ଚାମ୍ପିଅନସିପ୍

## ଭାରତୀୟ ଦଳ ପାଇଁ ଆସାମର ୧୬ ଖେଳାଳି ଚୟନ

**ଗୌହାଟୀ**

ଚୁଞ୍ଚୟନ୍ ୨୦୨୬ ବିଶ୍ୱ ଟାଇକୋଣ୍ଡୋ ପୁମସେ ଚାମ୍ପିଅନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଆସାମର ୧୬ ଜଣ ଟାଏକୋଣ୍ଡୋ ଖେଳାଳିଙ୍କୁ ଚୟନ କରାଯାଇଛି। ଏହି ପ୍ରତିଯୋଗିତା ବିଶ୍ୱ ଟାଏକୋଣ୍ଡୋ (ଡବ୍ଲୁ.ଟି.)ର ତତ୍ତ୍ୱାବଧାନରେ ଦକ୍ଷିଣ କୋରିଆର ଚୁଞ୍ଚୟୋନର ଏୟାର ଡୋମ୍‌ରେ ୧୬ରୁ ୨୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆ ଟାଏକୋଣ୍ଡୋ ସହ ଅନୁବନ୍ଧିତ ଟାଏକୋଣ୍ଡୋ ମାର୍ସିଆଲ୍ ଆର୍ଟସ୍ ଆଣ୍ଡ ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଆସାମ (ଟିଏମଏସଏଏ) ସୂଚନା ଦେଇଛି ଯେ ମନୋନୀତ ଖେଳାଳିମାନେ କ୍ୟାଡେଟ୍, ଜୁନିୟର ଏବଂ ସିନିୟର ବର୍ଗରେ ବ୍ୟକ୍ତିଗତ, ଡବଲ୍ସ ଏବଂ ଗ୍ରୁପ୍ ପୁମସେ ଇଭେଣ୍ଟରେ ଭାରତର ପ୍ରତିନିଧିତ୍ୱ କରିବେ। ମନୋନୀତ ଖେଳାଳିମାନେ ହେଲେ ସରସ୍ୱତୀ ଦେବୀ କାବ୍ରାବମ୍ (ବ୍ୟକ୍ତିଗତ କ୍ୟାଡେଟ୍ ବାଳିକା), ଦେବାଶିଷ ଦାସ (ବ୍ୟକ୍ତିଗତ କନିଷ୍ଠ ପୁରୁଷ), ଅରଣ୍ୟ ଦତ୍ତ ଏବଂ ଦିଶା ପାତ୍ର (କ୍ୟାଡେଟ୍ ବାଳିକା ଡବଲ୍ସ), ଧୀର କଶ୍ୟପ ତାଲୁକଦାର, ମୃଗାଙ୍କ କେ. ଦତ୍ତ ଏବଂ ରିଗ୍ୱି ଶର୍ମା (କ୍ୟାଡେଟ୍ ବାଳକ ଗୋଷ୍ଠୀ), ନିଶିତା ବୋରା, ପ୍ରୀତି ଖଖଲାରୀ ଏବଂ ଅଭିଲାଷା ଦାସ (କ୍ୟାଡେଟ୍ ବାଳିକା ଗୋଷ୍ଠୀ), ଦେଜ୍‌ଦିମୋନା ପାଠକ, ଶ୍ୟାମନ୍ତିକା ବରୁଆ ଏବଂ ଦିୟା ପାତ୍ର (କନିଷ୍ଠ ବାଳିକା ଗୋଷ୍ଠୀ) ଏବଂ ବେନଲା କେମ୍ପ୍ରାଇ, ପଲ୍ଲବୀ ହାଣ୍ଡିକ୍ ଏବଂ ହ୍ରିତିକା ଆଲାମ୍ୟାନ (ବରିଷ୍ଠ ମହିଳା ଗୋଷ୍ଠୀ)। ଟିଏମଏସଏଏ ଆସାମ ସରକାର ଏବଂ ବିଭିନ୍ନ କର୍ପୋରେଟ ସଂସ୍ଥାକୁ ଖେଳାଳିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛି। ଫେଡେରେସନ୍ ଅନୁଯାୟୀ, ଖେଳାଳିମାନଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯାତ୍ରା, ରହଣି ଏବଂ ପଞ୍ଜୀକରଣ ସମେତ ସମସ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବ।

## ଝୁଲନ୍ତା ଅବସ୍ଥାରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଝରିଗାଁ, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅଧୀନ ଚଚା ଗ୍ରାମପଞ୍ଚାୟତର ଗବାଗୁଡ଼ା ଗ୍ରାମରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଘର ସମ୍ମୁଖରେ ଥିବା ଏକ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ହେଲେ ଗବାଗୁଡ଼ା ଗ୍ରାମର ସୁନ୍ଦରସିଂ ମେହେରଙ୍କ ଝିଅ ଗିରିଜା ମେହେର। ପରିବାର ସୂଚନା ଅନୁସାରେ, ମଙ୍ଗଳବାର ସେ ଜମିରେ କାମ କରି ଘରକୁ ଫେରିବା ପରେ ରୋଷେଇ କରି ପରିବାର ଲୋକଙ୍କୁ ଖାଇବାକୁ ଦେଇ ଶୋଇବାକୁ ଯାଇଥିଲେ। ବୁଧବାର ସକାଳେ ତାଙ୍କ ମା’ ଅମିତା ମେହେର ଘର ସଫା କରୁଥିବା ବେଳେ ଘର ସମ୍ମୁଖରେ ଥିବା ଆମ୍ବଗଛରେ ଝିଅଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ପରେ ପରିବାର ପକ୍ଷରୁ ଝରିଗାଁ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି କେସ ନଂ ୨୧/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଝରିଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଜବତ ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଘଟଣାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଏବଂ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଫିସର୍ ଏ ଏସ ଆଇ ଦିଲ୍ଲୀପ କୁମାର ବାରିକ୍ ସୂଚନା ଦେଇଛନ୍ତି।



ଭୁବନେଶ୍ୱର : ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୁନିପିଲାଟିକୁ ଭିଟାମିନ ଡୋଜ୍ ଖୁଆଇବା ଅବସରରେ ଜଣେ ଆଶାକର୍ମୀ।

## ସାଲେପୁରଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’ ଆୟୋଜିତ

# ସଠିକ୍ ସୂଚନା ହିଁ ସରକାର ଓ ଜନତାଙ୍କ ମଧ୍ୟରେ ବିଶ୍ୱାସର ଆଧାର : ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର

**ସାଲେପୁର/ଭୁବନେଶ୍ୱର, ପିଆଇବି**

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁବନ୍ଧନ ଭାବେ ଗଣମାଧ୍ୟମର ଭୂମିକାକୁ ଆହୁରି ସୁଦୃଢ଼ କରିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ସଠିକ୍ ଓ ପ୍ରଭାବୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ବୁଧବାର କଟକ ଜିଲ୍ଲାର ସାଲେପୁରଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ‘ବାର୍ତ୍ତାଳାପ’ ଆୟୋଜିତ ହୋଇଯାଇଛି।

କର୍ମଶାଳାରେ ଅଧ୍ୟକ୍ଷତା କରି ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ, ବର୍ତ୍ତମାନର ସୂଚନା ଯୁଗରେ ପ୍ରଭାବୀ ଯୋଗାଯୋଗ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସେତୁ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ସ୍ପଷ୍ଟ, ବିଶ୍ୱସନୀୟ ଏବଂ ଦାୟିତ୍ୱବୋଧ ସହିତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ କେବଳ ସୂଚନାର ବାହକ ନୁହନ୍ତି, ବରଂ ସରକାର ଓ ସମାଜ ମଧ୍ୟରେ ଫଳପ୍ରଦ ସଂଳାପ ସୃଷ୍ଟି କରିବାର ଅନ୍ୟତମ ମାଧ୍ୟମ ବୋଲି ସେ କହିଥିଲେ। ଯୋଗାଯୋଗରେ ସ୍ୱଚ୍ଛତା, ସମ୍ବେଦନଶୀଳତା ଏବଂ ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଠିକ୍ ସୂଚନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଦିଗରେ ଗଣମାଧ୍ୟମର ଗଠନମୂଳକ ସହଯୋଗ ଅପରିହାର୍ଯ୍ୟ। ‘ବାର୍ତ୍ତାଳାପ’ ଭଳି କାର୍ଯ୍ୟକ୍ରମ ସରକାର ଓ ଗଣମାଧ୍ୟମ ମଧ୍ୟରେ ଫଳପ୍ରଦ ମତବିନିମୟର ସୁଯୋଗ ସୃଷ୍ଟି କରିବା ସହ ଜନସାଧାରଣଙ୍କ ନିକଟରେ ବିକାଶମୂଳକ ସୂଚନାକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଉମାକାନ୍ତ ସାହୁ ନିଜ ବକ୍ତବ୍ୟରେ ଆୟୁଷ୍ମାନ ଭାରତ ଅଭିଯାନ ମାଧ୍ୟମରେ ଦେଶରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଦ୍ୱାରପ୍ରାନ୍ତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଅଣ-ସଂକ୍ରାମକ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ପରିଚାଳନା, ତଥା ଇ-ସଞ୍ଜୀବନୀ ମାଧ୍ୟମରେ ଟେଲିମେଡିସିନ୍ ସେବାକୁ ଗ୍ରାମାଞ୍ଚଳରେ ସମ୍ପ୍ରସାରିତ କରାଯାଉଥିବା ସେ କହିଥିଲେ। ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଲଭ, ସୁଗମ ଓ ସର୍ବସମାବେଶୀ କରିବା ଦିଗରେ ଏହି ପଦକ୍ଷେପଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସେ ଉଲ୍ଲେଖ କରିଥିଲେ।

ସାଲେପୁର ବ୍ଲକ କୃଷି ଅଧିକାରୀ ଶ୍ରୀ ସୂର୍ଯ୍ୟକାନ୍ତ ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ, କୃଷକଙ୍କ ଆର୍ଥିକ ସଶକ୍ତୀକରଣ ଏବଂ କୃଷି କ୍ଷେତ୍ରରେ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ




କରୁଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ), ଫାର୍ମର ରେଜିଷ୍ଟ୍ରି, ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିୱାଇ) ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ଆର୍ଥିକ ସହାୟତା, ବୈଷୟିକ ପରାମର୍ଶ ଓ ସ୍ଥାୟୀ କୃଷି ପଦ୍ଧତି ଆପଣାଇବାକୁ ପ୍ରୋତ୍ସାହିତ କରାଯାଉଛି। ପ୍ରାକୃତିକ କୃଷି, ସନ୍ତୁଳିତ ସାର ବ୍ୟବହାର ଏବଂ ମୃତ୍ତିକାର ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ କୃଷକମାନଙ୍କ ମଧ୍ୟରେ ନିୟମିତ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସେ ସୂଚନା ଦେଇଥିଲେ।

ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ଉପନିର୍ଦ୍ଦେଶକ ଡ. ଅଭିଷେକ ମିଶ୍ର ନିଜ ବକ୍ତବ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ମହତ୍ୱାକାଙ୍କ୍ଷୀ ପଦକ୍ଷେପ ‘ୱେଭ୍ସ’ ସମ୍ପର୍କରେ ଆଲୋକପାତ କରିଥିଲେ। "Create in India, Create for the World' ଆଭିମୁଖ୍ୟରେ ପରିଚାଳିତ ଏହି ପଦକ୍ଷେପ ଦେଶର ସୃଜନଶୀଳ ପ୍ରତିଭାମାନଙ୍କୁ ବିଶ୍ୱସ୍ତରୀୟ ମଞ୍ଚ, ନବସୃଜନ, ଉଦ୍ୟୋଗ ଏବଂ ବଜାର ସହ ଯୋଡ଼ିବାର ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ବୋଲି ସେ କହିଥିଲେ। ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହ ‘ୱେଭ୍ସ’ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ସକ୍ରିୟ ସହଯୋଗ ପାଇଁ ସେ ଆହ୍ୱାନ ଜଣାଇଥିଲେ।

ସାଲେପୁର ବ୍ଲକର ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ବେହେରା କହିଥିଲେ ଯେ, ଗଣମାଧ୍ୟମ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ। ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ସରକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଲୋକଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦାୟିତ୍ୱବାନ ଓ ନିରପେକ୍ଷ ସାମ୍ବାଦିକତା ମାଧ୍ୟମରେ ସୁଶାସନକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଥିଲେ।

ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାସ, ବିଶିଷ୍ଟ ସାହିତ୍ୟିକ ଡ. ପୂର୍ଣ୍ଣ ଓଝା, ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ସଦାଶିବ ଦାସ ଏବଂ ପ୍ରଫେସର ତଥା ବିଶିଷ୍ଟ ସାହିତ୍ୟିକ ଡ. ତପନ ରଞ୍ଜନ ମହାନ୍ତି ନିଜ ନିଜ ବକ୍ତବ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା, ନିରପେକ୍ଷ ଓ ଦାୟିତ୍ୱବାନ ସାମ୍ବାଦିକତାର ଆବଶ୍ୟକତା ଏବଂ ଜନସ୍ୱାର୍ଥଭିତ୍ତିକ ସତ୍ୟ ଓ ତଥ୍ୟନିଷ୍ଠ ସମ୍ବାଦ ପରିବେଷଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସେମାନେ ଗଣମାଧ୍ୟମକୁ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବେ ବର୍ଣ୍ଣନା କରି ସୁଶାସନ, ଜବାବଦେହିତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୁଦୃଢ଼ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକମାନେ ସରକାରୀ ଯୋଜନାର ପ୍ରଚାର-ପ୍ରସାର, ସୂଚନାର ଆଦାନ-ପ୍ରଦାନ ଏବଂ ଗଣମାଧ୍ୟମ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ନିଜ ମତାମତ ଓ ପ୍ରଶ୍ନ ଉପସ୍ଥାପନ କରିଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ବକ୍ତାମାନେ ସେଗୁଡ଼ିକର ବିସ୍ତୃତ ଉତ୍ତର ପ୍ରଦାନ କରିଥିଲେ।



# ରୁଫଟପ୍ ସୋଲାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କଟକରେ 'ସୋଲାର ରଥ'ର ଶୁଭାରମ୍ଭ



**କଟକ, ନ୍ୟୁଜ ବ୍ୟୁରୋ**
ସ୍ୱଚ୍ଛ ଏବଂ ଦୀର୍ଘସ୍ଥାୟୀ ଶକ୍ତିର ପ୍ରସାର ପାଇଁ ନିଜର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରି, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସମଗ୍ର ଜିଲ୍ଲାରେ ରୁଫଟପ୍ ସୋଲାର ଆପଣେଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସୋଲାର ରଥର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଗାଡ଼ିଟି ସମଗ୍ର ଜିଲ୍ଲା ପରିକ୍ରମା କରି ରୁଫଟପ୍ ସୋଲାରର ଲାଭ, ସରକାରୀ ସବ୍‌ସିଡି ଏବଂ ଏହାର ସହଜ ସଂସ୍ଥାପନ ପ୍ରକ୍ରିୟା ବିଷୟରେ ଉପଭୋକ୍ତାମାନଙ୍କୁ ସୂଚନା ଦେବ। ଏହି ଅଭିଯାନ ସହିତ ଏକ ସ୍ୱତନ୍ତ୍ର 'ସୋଲାର ସାଙ୍ଗ' ଟିମ୍ ମଧ୍ୟ ନିୟୋଜିତ ରହିବେ, ଯେଉଁମାନେ ଉପଭୋକ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରିବେ ଏବଂ ସେମାନଙ୍କର ପ୍ରଶ୍ନର ଉତ୍ତର ଦେବେ। ଏହି ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି ଯେ, "ସୋଲାର ରଥ ଅଭିଯାନ ରୁଫଟପ୍ ସୋଲାର ବିଷୟରେ ସଚେତନତାକୁ ସିଧାସଳଖ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରିବ, ଯାହାଦ୍ୱାରା ଅଧିକରୁ ଅଧିକ ପରିବାର ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ଲାଭ ଉଠାଇପାରିବେ। ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ଏବଂ ନିରନ୍ତର ବିକାଶ କରିବାରେ ଏହିପରି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।" ସେହିପରି କଟକ ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କହିଛନ୍ତି ଯେ, "ରୁଫଟପ୍ ସୋଲାରର ବ୍ୟବହାର ବୃଦ୍ଧି କରିବା ପାଇଁ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ। ସୋଲାର ରଥ ପଦକ୍ଷେପ ଉପଭୋକ୍ତାମାନଙ୍କୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ଫାଇଦା ବୁଝିବାରେ ସାହାଯ୍ୟ କରିବ ଏବଂ ରାଜ୍ୟର ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଅଧିକରୁ ଅଧିକ ଭାଗିଦାରୀ ପାଇଁ ପ୍ରୋତ୍ସାହିତ କରିବ।" ଏହି ପଦକ୍ଷେପ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ, "ସୋଲାର ରଥ ଅଭିଯାନ ଆମକୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ଲାଭ ସିଧାସଳଖ ଉପଭୋକ୍ତାମାନଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରୁଛି। ନିରନ୍ତର ସଚେତନତା ଏବଂ ଲୋକଙ୍କ ଘର ପାଖରେ ପହଞ୍ଚି, ଆମେ ରୁଫଟପ୍ ସୋଲାରର ବ୍ୟବହାରକୁ ଦ୍ରୁତଗାମୀ କରିବା ସହିତ ଓଡ଼ିଶାର ସ୍ୱଚ୍ଛ ଶକ୍ତିର ଯାତ୍ରାରେ ଯୋଗଦାନ ଦେବା ପାଇଁ ଲକ୍ଷ୍ୟ ରଖିଛୁ।" ଟିପିସିଓଡିଏଲ୍ ନିଜର ସେବାଯୋଗାଣ ଅଞ୍ଚଳ ଗୁଡ଼ିକରେ 'ମୋ ଛାତ, ମୋ ସଞ୍ଚୟ', ଗ୍ରାମସଭା ଏବଂ ସୋଲାର ରଥ ଅଭିଯାନ ଭଳି ପଦକ୍ଷେପ ମାଧ୍ୟମରେ ରୁଫଟପ୍ ସୋଲାରକୁ ପ୍ରୋତ୍ସାହିତ କରିବା ଜାରି ରଖିଛି, ଯାହା ଉପଭୋକ୍ତାମାନଙ୍କ ପାଇଁ ସ୍ୱଚ୍ଛ ଏବଂ ସୁଲଭ ସୌର ଶକ୍ତିକୁ ଆହୁରି ସହଜଲଭ୍ୟ କରିପାରିଛି।

# ଭାରତୀୟ ନୌସେନାରେ ନୂତନ ରୂପେ ସାମିଲ ଆଇଏନ୍ଏସ୍ ମାଲଭାନଙ୍କୁ ଦୃଢ଼ତା ପ୍ରଦାନ କରୁଛି ଏଏମ୍/ଏନ୍ଏସ୍ ଇଣ୍ଡିଆର ଇସ୍ପାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଆଇଏନ୍ଏସ୍ ମାଲଭାନ ନିର୍ମାଣ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଇସ୍ପାତର ଶତ ପ୍ରତିଶତ ଯୋଗାଇ ଦିଆଯାଇଛି। ଏହା ଭାରତୀୟ ନୌସେନାର ଆଧୁନିକ ତଥା ସ୍ୱଦେଶୀ ନିର୍ମିତ ଆଣ୍ଟି-ସବମେରିନ୍ ୱାରଫେୟାର ଶ୍ୟାଲୋ ୱାଟରକ୍ରାଫ୍ଟ (ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି), ଯାହାକୁ ୨୨ ଜୁଲାଇ ୨୦୨୬ରେ କର୍ଣ୍ଣାଟକର କରୱାରରେ କାର୍ଯ୍ୟକ୍ଷମ କରାଯାଇଥିଲା। ହାଜିରାଠାରେ ଥିବା ଏଏମ୍/ଏନ୍ଏସ୍ ଇଣ୍ଡିଆର ସମନ୍ୱିତ ଇସ୍ପାତ ନିର୍ମାଣ ୟୁନିଟ୍‌ରେ ପ୍ରସ୍ତୁତ, ଏହି ଜାହାଜରେ ବ୍ୟବହୃତ ସ୍ୱତନ୍ତ୍ର ଇସ୍ପାତ ଦେଶର ବର୍ଦ୍ଧିତ ପ୍ରତିରକ୍ଷା ଉତ୍ପାଦନ ବାତାବରଣ ଏବଂ ସାମୁଦ୍ରିକ ସୁରକ୍ଷାକୁ ସହାୟତା କରିବାରେ ଉନ୍ନତ ଭାରତୀୟ ଇସ୍ପାତ ନିର୍ମାଣର ଭୂମିକାକୁ ପ୍ରଦର୍ଶିତ କରୁଛି। ଏହି ପ୍ରମୁଖ ସଫଳତା, ଯୋଜନାବଦ୍ଧ ଭାବରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ପାଇଁ ଜରୁରୀ ସାମଗ୍ରୀ ଯୋଗାଣ କରି ଭାରତର ଆତ୍ମନିର୍ଭରଶୀଳତା ଯାତ୍ରାରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅବଦାନକୁ ଆହୁରି ସୁଦୃଢ଼ କରୁଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ନିର୍ଦ୍ଦେଶକ ତଥା ବିକ୍ରୟ ଏବଂ ବିପଣନ ବିଭାଗର ଉପ-ସଭାପତି ଶ୍ରୀ ରଞ୍ଜନ ଧର କହିଛନ୍ତି: "ଆଇଏନ୍ଏସ୍ ମାଲଭାନର ନିୟୋଜନ ଏହା ପ୍ରଦର୍ଶିତ କରୁଛି ଯେ, ଭାରତରେ ଉନ୍ନତ ଉତ୍ପାଦନ ଦେଶର ପ୍ରତିରକ୍ଷା ପ୍ରସ୍ତୁତିକୁ କିପରି ସହାୟତା କରୁଛି। ସ୍ୱତନ୍ତ୍ର ନୌସେନା-ଗ୍ରେଡ୍ ଇସ୍ପାତ ଉତ୍ପାଦନ ପାଇଁ କଠୋର ଗୁଣବତ୍ତା ମାନଦଣ୍ଡ, ଆଧୁନିକ ଧାତୁ ବିଶେଷଜ୍ଞତା ଏବଂ ଆମର ଗ୍ରାହକମାନଙ୍କ ସହିତ ଘନିଷ୍ଠ ସହଯୋଗ ଆବଶ୍ୟକ। ଆମେ ଗର୍ବିତ ଯେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଇସ୍ପାତ ଭାରତୀୟ ନୌସେନା ଜାହାଜର ପରବର୍ତ୍ତୀ ପିଢ଼ିରେ ଯୋଗଦାନ ଦେବା ସହିତ ଘରୋଇ ପ୍ରତିରକ୍ଷା ଉତ୍ପାଦନକୁ ସୁଦୃଢ଼ କରିବା ପାଇଁ ଭାରତର ଆକାଂକ୍ଷାକୁ ମଧ୍ୟ ସହାୟତା କରୁଛି।' କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଆଇଏନ୍ଏସ୍ ମାଲଭାନ୍ ଆଠଟି ମାହେ-କ୍ଲାସ୍ ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି ମଧ୍ୟରୁ ଦ୍ୱିତୀୟ ଏବଂ ଭାରତୀୟ ନୌସେନାରେ ସାମିଲ ହୋଇଥିବା ଏହି ଶ୍ରେଣୀର ଦ୍ୱିତୀୟ ଜାହାଜ। ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପାଦାନରେ ନିର୍ମିତ, ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ପଦକ୍ଷେପକୁ ସହାୟତା କରିବା ସହିତ ନୌସେନା ଡିଜାଇନ୍, ଇଞ୍ଜିନିୟରିଂ, ପ୍ରଣାଳୀର ସମନ୍ୱୟ ଏବଂ ପ୍ରତିରକ୍ଷା ଜାହାଜ ନିର୍ମାଣରେ ଦେଶର ବର୍ଦ୍ଧିତ କ୍ଷମତାକୁ ପ୍ରଦର୍ଶିତ କରୁଛି। ଏହାକୁ ଜଳ ମଧ୍ୟରେ ନିରୀକ୍ଷଣ, ଆଣ୍ଟି-ସବମେରିନ୍ ଯୁଦ୍ଧ, ସାମୁଦ୍ରିକ ମାଇନ୍ ଯୁଦ୍ଧ ଏବଂ ଉପକୂଳ ସୁରକ୍ଷା ଅଭିଯାନ ପାଇଁ ଡିଜାଇନ୍ ହୋଇଥିବା ଆଇଏନ୍ଏସ୍ ମାଲଭାନ୍ ଭାରତର ସାମୁଦ୍ରିକ ହିତକୁ ସୁରକ୍ଷା ଦେବା ଏବଂ ଉପକୂଳ ଜଳସୀମାରେ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବା ପାଇଁ ଭାରତୀୟ ନୌସେନାର କ୍ଷମତାକୁ ସୁଦୃଢ଼ କରିବ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଭାରତୀୟ ନୌସେନା ପାଇଁ ନିର୍ମିତ ଆଠଟି ଏଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି ଜାହାଜ ପାଇଁ ଆବଶ୍ୟକ ସମସ୍ତ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଉଛି। ଏହି କାର୍ଯ୍ୟକ୍ରମ ବ୍ୟତୀତ, କମ୍ପାନୀ ଆଇଏନ୍ଏସ୍ ବିଶାଖାପଟନମ୍ ଏବଂ ଆଇଏନ୍ଏସ୍ ସୁରତ ଭଳି ପ୍ରମୁଖ ନୌସେନା ଜାହାଜ ପାଇଁ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦେଇଛି। ଚେନାବ ରେଳ ସେତୁ, ଅଞ୍ଜୀ ଖାଡ ରେଳ ସେତୁ, ବୋଗିବିଲ୍ ସେତୁ ଏବଂ ଭାରତରେ ନିର୍ମିତ ନିଉଟ୍ରିନୋ ଅବଜରଭେଟୋରୀ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଭିତ୍ତିଭୂମି ପ୍ରକଳ୍ପରେ କମ୍ପାନୀ ସହଯୋଗ କରିଛି। ଏହି ପ୍ରକଳ୍ପଗୁଡ଼ିକ ସମ୍ମିଳିତ ହୋଇ ଜାତୀୟ ନିରାପତ୍ତାକୁ ଦୃଢ଼ତା ପ୍ରଦାନ କରିବା, ଆତ୍ମନିର୍ଭରଶୀଳତାକୁ ସହାୟତା କରିବା ଏବଂ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶକୁ ସକ୍ଷମ କରିବାରେ ଭାରତୀୟ ଆଧୁନିକ ଇସ୍ପାତ ନିର୍ମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଦର୍ଶିତ କରୁଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ହେଉଛି ବିଶ୍ୱର ଦୁଇଟି ପ୍ରମୁଖ ଇସ୍ପାତ ଉତ୍ପାଦନ ସଂସ୍ଥା, ଆର୍ସେଲରମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ ମଧ୍ୟରେ ଏକ ମିଳିତ ଉଦ୍ୟୋଗ। ଭାରତରେ ଏକ ଅଗ୍ରଣୀ ସମନ୍ୱିତ ଫ୍ଲାଟ କାର୍ବନ ଇସ୍ପାତ ଉତ୍ପାଦକ, କମ୍ପାନୀର ଅତ୍ୟାଧୁନିକ ଡାଉନଷ୍ଟ୍ରିମ୍ ସୁବିଧା ସହିତ ବାର୍ଷିକ ୯ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ଅଛି। ମୂଲ୍ୟଯୁକ୍ତ ଇସ୍ପାତ ସମେତ ସମ୍ପୂର୍ଣ୍ଣ ବିବିଧ ଫ୍ଲାଟ ଇସ୍ପାତ ଉତ୍ପାଦ ଉତ୍ପାଦନ କରିବା ସହ ଏହାର ୨୦ ନିୟୁତ ଟନ୍ ପେଲେଟ୍ ଉତ୍ପାଦନ କ୍ଷମତା ରହିଛି। ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ଦେଶର ଏକମାତ୍ର ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ଇସ୍ପାତ ମନ୍ତ୍ରଣାଳୟରୁ ସବୁଜ ଇସ୍ପାତ ପ୍ରମାଣପତ୍ର ହାସଲ କରିଛି।

## ଶ୍ରୀ ଓ.ପି. ଜିନ୍ଦଲଙ୍କ ୯୬ତମ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଫାଉଣ୍ଡେସନ୍ ଦ୍ୱାରା ରକ୍ତଦାନ ଶିବିର ଆୟୋଜିତ

# ଶିବିରରେ ସଂଗୃହୀତ ହେଲା ୪୬୦ ୟୁନିଟ୍ ରକ୍ତ




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଓ.ପି. ଜିନ୍ଦଲ ଗ୍ରୁପର ଦୂରଦର୍ଶୀ ପ୍ରତିଷ୍ଠାତା ତଥା ପ୍ରେରଣାପୁରୁଷ ଶ୍ରୀ ଓ.ପି. ଜିନ୍ଦଲ (ବାଉଜୀ)ଙ୍କ ପବିତ୍ର ସ୍ମୃତିରେ ଜିନ୍ଦଲ ଷ୍ଟିଲର କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାରବର୍ଗ ଏବଂ ବିଭିନ୍ନ ଅଂଶୀଦାରମାନେ ଜିନ୍ଦଲ ନଗରସ୍ଥିତ ହଷ୍ଟେଲ-୩ ପରିସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ରକ୍ତଦାନ ଶିବିରକୁ ଜିନ୍ଦଲ ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ଭି.ଆର. ଶର୍ମା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ), ଅନୁଗୁଳସ୍ଥିତ ଓଡ଼ିଶା ବ୍ଲଡ୍ ବ୍ୟାଙ୍କର ପ୍ରଭାରୀ ଡା. ସତ୍ୟବ୍ରତ ପଟ୍ଟନାୟକ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଭି.ଆର. ଶର୍ମା କହିଥିଲେ, 'ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିର ଆୟୋଜନ କରିବା ସମାଜସେବା ପ୍ରତି ଜିନ୍ଦଲ ଗ୍ରୁପର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ। ରକ୍ତକୁ କୃତ୍ରିମ ଭାବେ ପ୍ରସ୍ତୁତ କରାଯାଇପାରେ ନାହିଁ; ଏହା କେବଳ ଜଣେ ମଣିଷ ଅନ୍ୟ ଜଣଙ୍କ ଜୀବନ ରକ୍ଷା ପାଇଁ ଦାନ କରିପାରନ୍ତି। ଆମେ ଯୁବପିଢ଼ିଙ୍କୁ ନିୟମିତ ଭାବେ ରକ୍ତଦାନ କରିବାକୁ ଆହ୍ୱାନ କରୁଛୁ। ପ୍ରତ୍ୟେକ ସୁସ୍ଥ ମହିଳା ଓ ପୁରୁଷ ବର୍ଷକୁ ଅତି କମରେ ଥରେ କିମ୍ବା ଦୁଇଥର ରକ୍ତଦାନ କରିବା ଉଚିତ। ବିଶେଷକରି ୪୦ ବର୍ଷରୁ କମ୍ ବୟସ୍କମାନେ ବର୍ଷକୁ ଦୁଇଥର ରକ୍ତଦାନ କରି ଏହି ମହତ୍ ସେବାକାର୍ଯ୍ୟର ସହଭାଗୀ ହୁଅନ୍ତୁ।' ଶର୍ମା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିୟମିତ ଆୟୋଜିତ ରକ୍ତଦାନ ଶିବିରଗୁଡ଼ିକରେ ନିରନ୍ତର ରକ୍ତଦାନ କରୁଥିବା ନିୟମିତ ରକ୍ତଦାତାମାନଙ୍କୁ ସମ୍ମାନିତ କରିଥିଲେ।
ଏହି ଅବସରରେ ଦାମୋଦର ମିତ୍ତଲଙ୍କୁ ମଧ୍ୟ ପ୍ରତ୍ୟେକ ରକ୍ତଦାନ ଶିବିରରେ ନିୟମିତ ଭାବେ ରକ୍ତଦାନ କରିଥିବାରୁ ସମ୍ମାନିତ କରାଯାଇଥିଲା। ସେ କହିଥିଲେ, 'ରକ୍ତଦାନ ମାଧ୍ୟମରେ ସମାଜ, ବିଶେଷକରି ଅନୁଗୁଳବାସୀଙ୍କ ସେବା କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଜିଲ୍ଲାର ଏକ ଅଗ୍ରଣୀ ଶିଳ୍ପ ସଂସ୍ଥା ଭାବେ ଆମେ ଏପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ଭାବେ ୧୦,୦୦୦ରୁ ଅଧିକ ୟୁନିଟ୍ ରକ୍ତ ସମାଜକୁ ପ୍ରଦାନ କରିସାରିଛୁ। ଏହି ମାନବିକ କାର୍ଯ୍ୟରେ ସହଯୋଗ କରୁଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି।' ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା ବ୍ଲଡ୍ ବ୍ୟାଙ୍କ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ), ଅନୁଗୁଳର ସହଯୋଗରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ରକ୍ତ ଅନେକ ରୋଗୀଙ୍କ ଜୀବନ ରକ୍ଷାରେ ସହାୟକ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର...

ସୌର ଶକ୍ତି ବ୍ୟବସ୍ଥା କରିବାକୁ ସେ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଆସନ୍ତା ବର୍ଷ ୨୦୨୭ ମେ' ମାସରୁ ଡିସେମ୍ବର ସୁଦ୍ଧା ସରିବା ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଲୌହମୁକ୍ତ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ, ନୂଆଗାଁ ବ୍ୟାରେଜ ପ୍ରକଳ୍ପର ବିକାଶ କରି ଜଳସେଚନ ସାମର୍ଥ୍ୟ ବୃଦ୍ଧି, ଛେଳିଗଡ଼ ଜଳସେଚନ ପ୍ରକଳ୍ପକୁ ସାରିବା, ଜାତୀୟ ରାଜପଥ-୩୨୬ ସଂପ୍ରସାରଣ ପ୍ରକଳ୍ପରେ ମୋହନା-କୋରାପୁଟ ଅର୍ଥନୈତିକ କରିଡରର ବିକାଶ, ପାରଳାଖେମୁଣ୍ଡି ବାଇପାସ ରୋଡ୍ ନିର୍ମାଣ, ନୂଆ ମହେନ୍ଦ୍ରତନୟା ସେତୁ ନିର୍ମାଣ, ଜିଲ୍ଲାରେ ଜନଜାତିଙ୍କ ବିକାଶ, ବିଭିନ୍ନ ଜୀବିକାନିର୍ବାହ କାର୍ଯ୍ୟକ୍ରମ, ଉଦ୍ୟାନ କୃଷି, ଖାଦ୍ୟ ପ୍ରକ୍ରିୟାକରଣକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରସ୍ତାବ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ। ଗଜପତି ଜିଲ୍ଲାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ଓ ଉତ୍କୃଷ୍ଟ ପରୀକ୍ଷାଫଳ ହାସଲ ଲକ୍ଷ୍ୟରେ 'ପ୍ରୟାସ ସୁପର-୩୦'କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଏହି ପଦକ୍ଷେପ ମାଧ୍ୟମରେ ମନୋନୀତ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶିକ୍ଷାଦାନ, ନିୟମିତ ମାର୍ଗଦର୍ଶନ ଓ ପରୀକ୍ଷାଭିତ୍ତିକ ପ୍ରସ୍ତୁତିର ସୁଯୋଗ ପ୍ରଦାନ କରାଯାଉଛି। ଏହାର ସକାରାତ୍ମକ ପରିଣାମ ସ୍ୱରୂପ ୨୦୨୫ ମସିହାର ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ୯୯.୩୫ ପ୍ରତିଶତ ପାସ୍ ହାର ହାସଲ ହୋଇଛି। ବର୍ତ୍ତମାନ ଶିକ୍ଷାବର୍ଷରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କୁ ଅଧିକ ସୁଦୃଢ଼ ଶୈକ୍ଷିକ ସହାୟତା ପ୍ରଦାନ କରାଯାଉଛି। ଯାହା ଗୁଣାତ୍ମକ ଶିକ୍ଷା ଓ ଉନ୍ନତ ଶିକ୍ଷାଫଳ ହାସଲ ଦିଗରେ ଜିଲ୍ଲାର ଏକ ସଫଳ ପଦକ୍ଷେପ ଭାବେ ପରିଗଣିତ ହେଉଛି। ଶିକ୍ଷା ପ୍ରଶାସନରେ ନବସୃଜନ ଓ ଉତ୍ତମ କାର୍ଯ୍ୟ ପଦ୍ଧତି ପାଇଁ ଗଜପତି ଜିଲ୍ଲା ନୂଆଦିଲ୍ଲୀସ୍ଥିତ ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ସଂସ୍ଥାନ ବା ଏନଆଇଇପିଏ ପକ୍ଷରୁ ପାଇଁ ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାରୁ ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନର ପ୍ରୟାସକୁ ପ୍ରଶଂସା କରାଯାଇଛି। 'ସଂକଳ୍ପ ଓ ସମର୍ପଣ' କାର୍ଯ୍ୟକ୍ରମରେ ଏସଏସ୍‌ଡି, ଆଶ୍ରମ ଓ ସେବାଶ୍ରମ ସ୍କୁଲଗୁଡ଼ିକୁ ରୂପାନ୍ତରଣ କରି ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ଗୁଣାତ୍ମକ ବିକାଶ, ପିଏମଶ୍ରୀ ଏବଂ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଉନ୍ନତିକରଣ, ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ନିର୍ମାଣ, ଗଜପତି ଜିଲ୍ଲାକୁ ମାତୃ ଓ ଶିଶୁମୃତ୍ୟୁ ହାର ମୁକ୍ତ ଜିଲ୍ଲା ଭାବେ ପରିଣତ କରିବା ଭଳି ଜିଲ୍ଲାର ରଣନୈତିକ ବିକାଶ ରୂପରେଖ ପ୍ରସ୍ତୁତି ସଂପର୍କରେ ଆଲୋକପାତ କରାଯାଇଥିଲା। ଗଜପତି ଜିଲ୍ଲାର ବିକାଶ ପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପ୍ରୟାସରେ ଜିଲ୍ଲାର ରୋଡ୍‌ମ୍ୟାପକୁ ବାସ୍ତବ ରୂପାୟନ ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ପରାମର୍ଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ଅଦ୍ୟାବଧି ନିଆଯାଇଥିବା ରାଜ୍ୟ କ୍ୟାବିନେଟ ବୈଠକର ନିଷ୍ପତ୍ତି ସମୂହ ଓ ସେସବରୁ ରୂପାୟନ ସ୍ଥିତି ସଂପର୍କରେ ଗୁରୁତ୍ୱୋରାପ କରିଥିଲେ। ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅନୁମୋଦିତ ପ୍ରସ୍ତାବଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ, ନିୟମିତ ଫଲୋଅପ ଓ ଅନୁପାଳନ କିରବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ତଦାରଖ ଓ କାର୍ଯ୍ୟାନ୍ୱୟନ ଅନୁଧ୍ୟାନ ପାଇଁ ସଚିବମାନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଗତ ମାସରେ ଜିଲ୍ଲା ଗସ୍ତ କରିଥିବା ସଚିବ ତଥା ବରିଷ୍ଠ ଅଧିକାରୀଙ୍କ ଗସ୍ତ ବିବରଣୀ ପ୍ରଦାନ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ବୈଠକରେ ସାଇବର ଅପରାଧର ପ୍ରଭାବୀ ନିୟନ୍ତ୍ରଣ ଏବଂ ନିଶାମୁକ୍ତ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ମଧ୍ୟରେ ସମନ୍ୱିତ ପଦକ୍ଷେପ, ବ୍ୟାପକ ଜନସଚେତନତା ସୃଷ୍ଟି ଏବଂ ନିୟମିତ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଭାରତ-ଶ୍ରୀଲଙ୍କା ମଧ୍ୟରେ...

ସମୀକ୍ଷା କରିଛନ୍ତି। ବୈଠକ ପରେ ଉଭୟ ପକ୍ଷ ୩୫୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ଲାଇନ୍ ଅଫ୍ କ୍ରେଡିଟ୍ ସମ୍ବନ୍ଧୀୟ ରାଜିନାମା ବିନିମୟ କରିଥିଲେ। ଏହି ଋଣ ସହାୟତା ବାତ୍ୟା ଦିତ୍‌ୱା ପରେ ଶ୍ରୀଲଙ୍କାକୁ ୪୫୦ ନିୟୁତ ଆମେରିକୀୟ ଡଲାରର ଭାରତର ପୁନଃନିର୍ମାଣ ସହାୟତା ପ୍ୟାକେଜର ଅଂଶବିଶେଷ। ଏହି ଋଣ ସହାୟତା ରାଜିନାମାର ଉପଯୋଗ ବାତ୍ୟା ପରବର୍ତ୍ତୀ ପୁନଃନିର୍ମାଣ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ଆବଶ୍ୟକତା ପୂରଣ ପାଇଁ କରାଯିବ।

## ମୃତ ଅଗ୍ନିଶମ କର୍ମଚାରୀଙ୍କ...

ସହ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ମଧ୍ୟ ହସ୍ତାନ୍ତର କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଅବକାଶରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଗାଡ଼ିର ବୀମା ନଥିଲେ...

ତେବେ ଉକ୍ତ ଗାଡ଼ିକୁ ତେଲ ମିଳିବ ନାହିଁ। ଏ ସଂକ୍ରାନ୍ତରେ ଏକ ପାଇଲଟ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ଭାରତର ବୀମା ନିୟନ୍ତ୍ରକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ଏବଂ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛନ୍ତି। ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ସର୍ବୋଚ୍ଚ ଅଦାଲତର ବିଚାରପତି ସଞ୍ଜୟ କରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ପ୍ରସ୍ତାବ ଦେଇଛନ୍ତି। କେବଳ ଏତିକି ନୁହେଁ ରାଜପଥରେ ଏଏନ୍‌ପିଆର (ଅଟୋମେଟିକ ନମ୍ବର ପ୍ଲେଟ ରିକଗନାଇସନ) କ୍ୟାମେରା ମଧ୍ୟ ଲଗାଇବା ଓ ତାକୁ ବାହାନ ଡାଟାବେସ୍‌ରେ ଲିଙ୍କ୍ କରାଇବାକୁ କହିଛନ୍ତି। ସେହି ରୁଟ୍‌ରେ ଚଳାଚଳ କରୁଥିବା ଗାଡ଼ିର ବୀମା ଅଛି କି ନାହିଁ ତାହା ଯେଭଳି ଟ୍ରାଫିକ୍ ପୁଲିସ ଜାଣିପାରିବ ସେଥିପାଇଁ ଆବଶ୍ୟକ ଉପକରଣର ବ୍ୟବସ୍ଥା କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଟ୍ରାଫିକ ପୁଲିସ ଉକ୍ତ ଗାଡିର ବୀମା ନଥିବା ଜାଣିବା ପରେ ତୁରନ୍ତ ଗାଡ଼ି ମାଲିକଙ୍କ ପାଖକୁ ଇ-ଚାଲାଣ ଯିବ। ମୋଟର ଯାନ ବୀମା ଆଇନକୁ ବାଧ୍ୟତାମୂଳକ କାର୍ଯ୍ୟକାରୀ କରିବା ଫଳରେ ବିନା ବୀମାରେ ଚଳାଚଳ କରୁଥିବା ଯାନ ରାସ୍ତାକୁ ଆସିବା ସହଜ ହେବନାହିଁ।

## ସୁପ୍ରିମକୋର୍ଟ ବିଚାରପତିଙ୍କ...

ପରିଣତ ହେଲେ ମେ' ୨୦୨୬ର ସେହି ଅଧ୍ୟାଦେଶ ସ୍ଥାନ ନେବ ଯେଉଁଥିରେ ସୁପ୍ରିମକୋର୍ଟରେ ଜଜ୍‌ଙ୍କ ସଂଖ୍ୟା ବଢା ଯାଇଥିଲା। ୨୦୧୯ ମସିହା ପରେ ସୁପ୍ରିମକୋର୍ଟରେ ପ୍ରଥମ ଥର ଜଜଙ୍କ ସଂଖ୍ୟା ବୃଦ୍ଧି ହୋଇଛି।

## ଅଗଷ୍ଟ ୧୫ରେ ଆମେରିକାରେ...

ଅଧିକ ଭାରତୀୟ ବସବାସ କରୁଛନ୍ତି, ଯାହା ଦେଶ, ସମୁଦାୟର ସାମାଜିକ, ଆର୍ଥିକ ଓ ନାଗରିକ ସ୍ଥିତିରେ ବଡ଼ ଯୋଗଦାନ ଦେଉଛି। ମାସାଚୁସେଟସ୍‌ରେ ଭାରତୀୟମାନେ ଚିକିତ୍ସା, ବିଜ୍ଞାନ, ଟେକ୍ନୋଲଜି, ଶିକ୍ଷା, ବାଣିଜ୍ୟ ଓ ଜନସେବା ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି। ଏମାନଙ୍କ ଦ୍ୱାରା ରାଜ୍ୟର ସାମାଜିକ ଓ ଆର୍ଥିକ ସ୍ଥିତି ମଧ୍ୟ ସମୃଦ୍ଧ ହେଉଛି।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସାରାରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ (ପିରାମଲ୍ ଫାଉଣ୍ଡେସନ୍‌ର ଏକ ସଂସ୍ଥା) ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ; ଆଇଏଏସ୍ ଅବସ୍ଥି ଏସ୍., ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ; ଆଇଏଏସ୍ ଡା. ବୃନ୍ଦା ଡି., ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଓଡ଼ିଶା)ର ମିଶନ ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଜନସ୍ୱାସ୍ଥ୍ୟ ମୁଖ୍ୟ ଡା. ଅନୁଜ ଭଟ୍ଟନାଗର ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍‌ର କୋର୍ ଟିମ୍ ସଦସ୍ୟ ଡା. ସୁନିଲ ବାବୁ ପ୍ରମୁଖ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ୩ ବର୍ଷିଆ ସହଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ରାଜ୍ୟରେ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଷ୍ଟ୍ରାଟେଜିକ ଓ ଟେକ୍ନୋ-ମ୍ୟାନେଜରିଆଲ ସହାୟତା ପ୍ରଦାନ କରିବା। ଏହା ବିଶେଷ ଭାବରେ ପ୍ରଜନନ, ନବଜାତ, ମାତୃ, ଶିଶୁ, କିଶୋରୀ ସ୍ୱାସ୍ଥ୍ୟ ଓ ପୋଷଣ (ଆରଏମ୍‌ଏନ୍‌ସିଏଏଚ୍+ଏନ୍) ଏବଂ ଯକ୍ଷ୍ମା (ଟିବି) ଓ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରିବ। ଏହି ପ୍ରକଳ୍ପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ମିଶି ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା ସହ ସ୍ୱାସ୍ଥ୍ୟ ସେବା ଯୋଗାଣ, ହେଲ୍‌ଥ ଗଭର୍ନାନ୍ସ, ସ୍ୱାସ୍ଥ୍ୟ ମାନବ ସମ୍ବଳ, ସପ୍ଲାଇ ଚେନ୍ ମ୍ୟାନେଜମେଣ୍ଟ; ଏବଂ ସ୍ୱାସ୍ଥ୍ୟ ଆର୍ଥିକ ପରିଚାଳନାରେ ତଥ୍ୟ-ଆଧାରିତ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ପ୍ରମାଣ-ଆଧାରିତ ଯୋଜନା, ଲକ୍ଷ୍ୟଧାର୍ଯ୍ୟ କାର୍ଯ୍ୟାନ୍ୱୟନ ଏବଂ ସମୁଦାୟର ଭାଗିଦାରୀ ମାଧ୍ୟମରେ ସ୍ୱାସ୍ଥ୍ୟ ଶାସନ ପ୍ରଣାଳୀକୁ ସୁଦୃଢ଼ କରିବ। ଏହାସହ ଡିଜିଟାଲ୍ ଓ ନୂତନ ମଡେଲ୍ ଗୁଡ଼ିକର ବ୍ୟବହାର କରି ଆରଏମ୍‌ଏନ୍‌ସିଏଏଚ୍+ଏନ୍, ଯକ୍ଷ୍ମା ଏବଂ ମ୍ୟାଲେରିଆ ନିୟନ୍ତ୍ରଣରେ ସେବା ଯୋଗାଣର ଦକ୍ଷତା ବୃଦ୍ଧି କରିବ। ଏହି ସହଯୋଗିତା ଅଧୀନରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓଡ଼ିଶାର ୧୬ଟି ଜିଲ୍ଲାରେ କୌଶଳଗତ ଓ ବୈଷୟିକ ସହାୟତା ଯୋଗାଇଦେବ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ ଅବଶିଷ୍ଟ ୧୪ଟି ଜିଲ୍ଲାରେ କାର୍ଯ୍ୟ କରିବ। ଏହି ପ୍ରକଳ୍ପ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରାଥମିକତା ଏବଂ ପର୍ଯ୍ୟାୟକ୍ରମିକ କାର୍ଯ୍ୟକାରୀ ଯୋଜନା ଅନୁଯାୟୀ ସମ୍ପାଦିତ ହେବ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଓଡ଼ିଶା)ର ମିଶନ ନିର୍ଦ୍ଦେଶକ ଆଇଏଏସ୍ ଡା. ବୃନ୍ଦା ଡି. କହିଛନ୍ତି, 'ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସବୁବେଳେ ଓଡ଼ିଶାରେ ଆରଏମ୍‌ଏନ୍‌ସିଏଏଚ୍+ଏନ୍ କ୍ଷେତ୍ରରେ ସୁଧାର ଆଣିବା ଉପରେ ଗୁରୁତ୍ୱ ଦେଇଆସିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଏଜୁକେସନ୍ ଫାଉଣ୍ଡେସନ୍ ଭଳି ଅନୁଷ୍ଠାନ ସହିତ ସହଯୋଗିତା ସ୍ଥାପନ କରି ଆମେ ଖୁସି, ସେମାନଙ୍କର ବ୍ୟବସ୍ଥାଗତ ସୁଦୃଢ଼ୀକରଣ ଏବଂ କାର୍ଯ୍ୟାନ୍ୱୟନ ଅଭିଜ୍ଞତା ଆମର ପ୍ରଚେଷ୍ଟାକୁ ଆହୁରି ଗତିଶୀଳ କରିବ। ଏହି ସହଯୋଗିତା ରାଜ୍ୟ ଓ ଜିଲ୍ଲାସ୍ତରରେ ଉନ୍ନତ ଯୋଜନା, ମନିଟରିଂ, ଶାସନ ଏବଂ ଦକ୍ଷତା ବୃଦ୍ଧି ମାଧ୍ୟମରେ ଆରଏମ୍‌ଏନ୍‌ସିଏଏଚ୍+ଏନ୍ ଫଳାଫଳକୁ ଆହୁରି ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ।'

## ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ସୋଲାପୁର ସ୍ପେଶାଲ୍ ଏକ୍ସପ୍ରେସ୍ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାରୁ ମହାରାଷ୍ଟ୍ର ଅଭିମୁଖେ ବଢ଼ିଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ପୁରୀ-ସୋଲାପୁର ଜଙ୍କସନ୍ ମଧ୍ୟରେ ଏକ ସ୍ପେଶାଲ୍ ଏକ୍ସପ୍ରେସ୍ ପରିଚାଳନା କରାଯିବ। ଟ୍ରେନ୍ ନଂ ୦୮୪୪୫ ପୁରୀ-ସୋଲାପୁର ଜଙ୍କସନ୍ ସ୍ପେଶାଲ୍ ଏକ୍ସପ୍ରେସ୍ ୦୭ ଅଗଷ୍ଟ ୨୦୨୬ (ଶୁକ୍ରବାର) ରାତି ୨୩:୪୫ ଘଂଟାରେ ପୁରୀରୁ ଯାତ୍ରା ଆରମ୍ଭ କରି ରବିବାର ପ୍ରଭାତ ୦୪:୧୫ ଘଂଟାରେ ସୋଲାପୁର ଜଙ୍କସନ୍ ରେ ପହଞ୍ଚିବ। ଏହି ସ୍ପେଶାଲ୍ ଟ୍ରେନ ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ବିଜୟନଗରମ୍, ଦୁଭ୍ୱାଡା, ବିଜୟୱାଡା ଜଙ୍କସନ୍, ଗୁଂଟୁର ଜଂ, ନାଲଗୋଣ୍ଡା, ସିକନ୍ଦରାବାଦ, ୱାଡି ଏବଂ କଲବୁରଗି ଷ୍ଟେସନରେ ରହଣି କରିବ, ଯାହା ଏହି ସମସ୍ତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସୁବିଧାଜନକ ସଂଯୋଗ ପ୍ରଦାନ କରିବ। ଏହି ସ୍ପେଶାଲ୍ ଟ୍ରେନରେ ମୋଟ ୨୨ଟି ବଗି ରହିବ। ସେଥିମଧ୍ୟରେ ୧୩ଟି ସ୍ଲିପର୍ ଶ୍ରେଣୀ ବଗି, ୭ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ବଗି ଏବଂ ୨ଟି ଲଗେଜ୍ -ସହ -ଦିବ୍ୟାଙ୍ଗ ଅନୁକୂଳ କୋଚ୍ ସାମିଲ ରହିବ, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରିବ। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୪ତମ ପ୍ରତିଷ୍ଠାଦିବସ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଦେଶ ନିର୍ମାଣରେ ଶିକ୍ଷାର ଭୂମିକା ଅପରିହାର୍ଯ୍ୟ। ଏହି ଭୂମିକା ନିର୍ବାହରେ ଶିକ୍ଷକ ସମାଜର ଦାୟିତ୍ୱବୋଧ ଓ ଛାତ୍ରଛାତ୍ରୀଙ୍କର ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ବୋଲି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୪ତମ ପ୍ରତିଷ୍ଠା ଦିବସରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନର ନୂତନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ଏନ୍.ସି.ଇ.ଆର.ଟି.ର ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି ମୁଖ୍ୟ ଅତିଥିଭାବେ ଆଭାସୀ ମାଧ୍ୟମରେ ଯୋଗଦେଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସର୍ବଦା ଏନ.ସି.ଇ.ଆର.ଟିର ସ୍ତମ୍ଭଭାବେ ଶିକ୍ଷା ଓ ଶିକ୍ଷାନୀତିର ସଫଳ ରୂପାୟନ ଦିଗରେ କାର୍ଯ୍ୟକରି ଆସିଛି ବୋଲି ମତଦେଇ ପ୍ରତିଷ୍ଠାଦିବସ ଆମକୁ ବର୍ଷଯାକର ସଫଳତା କଥା କହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବଦାନ ଅଭିନନ୍ଦନୀୟ ବୋଲି ପ୍ରଫେସର ସକଲାନି କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଶିକ୍ଷାକୁ ଡ଼ିଜିଟାଲଯୁଗରେ ଅଧିକ ଆପଣାର କରିବା ଦିଗରେ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ। ଗୋଟିଏ ଦିନ ହୁଏତ ପ୍ରତିଷ୍ଠାନର ଉତ୍ସବର ଅବକାଶ ହୋଇଥାଇପାରେ, ହେଲେ ବର୍ଷସାରା ସଫଳତାର ଯାତ୍ରା ଅବ୍ୟାହତ ରଖୁବା ଆମର ଦାୟିତ୍ୱ ବୋଲି ସେ ମତଦେଇଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତିଷ୍ଠାନ ପକ୍ଷରୁ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଅନୁବାଦ ସହ ଓଡ଼ିଆ, ବଙ୍ଗଳା, ସାନ୍ତାଳୀ ଓ ମୈଥୁଳୀ ଭାଷାରେ ହେଉଥିବା କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଅବଗତ କରାଇ ଚଳିତ ବର୍ଷ ଦେଶର ପ୍ରାୟ ଦୁଇ ହଜାର ଛଅ ଶହରୁ ଅଧିକ ଶିକ୍ଷକଙ୍କୁ ବିଭିନ୍ନ ତାଲିମ ସହ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ନିଯୁକ୍ତି ପ୍ରତିଷ୍ଠାନର ସଫଳତା ବୋଲି କହିଥିଲେ। ଡଃ କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପୁରାତନଛାତ୍ରସଂସଦର କର୍ମକର୍ତ୍ତାଙ୍କ ସମେତ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକବୃନ୍ଦ, ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନିରାଡମ୍ବର ଅନୁଷ୍ଠିତ ଏହି ଉତ୍ସବରେ ଭାରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

32001/649/2627
GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION
KHORDHA
Tel No. (06755) 221502E-mail: eemidkhurda@yahoo.co.in
Letter No. 3639 Dt.05.08.2026
**Invitation for Bids**
Bid Identification No. SEMIDKHD 07/2026-27

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha, on behalf of the Governor of Odisha, invitesPercentage Rate Bids in Single Cover system in Online Mode only for civil works in Check Dams under Impt.To Check Damand MATY Schemeasdetailedinthetable belowfromthe eligibleClass of Contractors. | | |
| 2 | NatureofWork | :- | Civil works in Check dams under Impt To Check Dams and MATYScheme in different Blocks of KhordhaDistrict |
| 3 | No.of Works | :- | 25(Twenty Five)Nos.Only |
| 4 | Estimated.Cost | | Rs.6.43 to 87.74 Lakhs |
| 5 | Cost of Bid Document | :- | Rs.4000/-6000/-& 10000/- throughonline)only. |
| 6 | ClassofContractor | :- | D Class,C and BClass as applicable |
| 7 | Availability of Bid Documents Online | :- | 10.00A.MofDt.12.08.2026to5.30P.Mof Dt.24.08.2026 |
| 8 | Last Date and Time for receipt of Bids in the Portal | :- | 5.30 P.M of Dt. 24.08.2026 |
| 9 | DateofOpeningofBids | :- | 11.30A.Mof Dt.25.08.2026. |
| 10 | TheBiddersshallhavetoparticipateinonlinebiddingonly.Furtherdetailscanbeseen fromthewebsitehttps://tendersodisha.gov.in.Anyaddendum/Corrigendum/CancellationofBidcanals obeseeninthesaidwebsite.TheAuthorityreserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

OIPR-32001/32042/1/26-27/0004
Sd/- Superintending Engineer
Minor Irrigation Division Khorda

ଉତ୍କଳ ଦୀପିକା

ଭୁବନେଶ୍ୱର, ୬ ଅଗଷ୍ଟ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


# ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରାଅ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫/୦୮

ବିରୋଧ ପ୍ରଦର୍ଶନ ସମୟରେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ସଂଯମତା ଅବଲମ୍ବନ କରିବା ସହ ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରିବା ଉଚିତ୍ ବୋଲି ବୁଧବାର ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଯଦିଓ କେତେକ ବିପଥଗାମୀ ବ୍ୟକ୍ତି ଢେଲା ମାଡ଼ ଭଳି ହିଂସାରେ ସାମିଲ ହୁଅନ୍ତି, ତଥାପି ସରକାରୀ ଶକ୍ତିର ଆକ୍ରମଣାତ୍ମକ ମନୋଭାବ ସ୍ଥିତିକୁ ଆହୁରି ଜଟିଳ କରିପାରେ । ଗତ ଜୁଲାଇ ୨୦ରେ ଅନୁଷ୍ଠିତ 'ସଂସଦ ଚାଲୋ' ପଦଯାତ୍ରା ସମୟରେ ହିଂସା ଉସ୍କାଇଥିବା ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦାୟର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହା କହିଛନ୍ତି । ଶୁଣାଣି ସମୟରେ ଆବେଦନକାରୀ ମନୀଷ କୁମାର ସୋଲାଙ୍କିଙ୍କ ଆଇନଜୀବୀ ରିଜୱାନ ଅହମ୍ମଦ ଯୁକ୍ତି କରିଥିଲେ ଯେ, ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାର ନମନୀୟ ହେବା ଉଚିତ୍ ନୁହେଁ। ଗୋଟିଏ ସ୍ଥାନରେ ନମନୀୟତା ଦେଖାଇଲେ ଏହା ଅନ୍ୟ ରାଜ୍ୟଗୁଡ଼ିକରେ ଗ୍ରହଣୀୟ ହୋଇ ଏକ ଖରାପ ନଜିର ସୃଷ୍ଟି କରିବ । ସଂସଦ ଭବନ ଆଡ଼କୁ ମାଡ଼ି ଚାଲିଥିବା ଆନ୍ଦୋଳନକାରୀ ଏବଂ ହିଂସାର ଆୟୋଜକମାନଙ୍କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରାଯିବା ଆବଶ୍ୟକ। ଏହାର ପ୍ରତିଉତ୍ତରରେ ପ୍ରଧାନ ବିଚାରପତି କହିଥିଲେ ଯେ, ଯୁବକମାନଙ୍କୁ ପରାମର୍ଶ ଓ ବୁଝାସୁଝା କରିବା ଆବଶ୍ୟକ। ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ମାଧ୍ୟମ । ତେବେ ଏପରି ପରିସ୍ଥିତିର ମୁକାବିଲା କିପରି କରାଯିବ, ତାହା ଆଇନ ଶୃଙ୍ଖଳା ସଂସ୍ଥାଗୁଡ଼ିକର ବିଚାରବୁଦ୍ଧି ଉପରେ ଛାଡ଼ିଦେବା ଉଚିତ୍ । ଏହାସହ ଆବେଦନରେ ପୁଲିସ ଓ ସୁରକ୍ଷା କର୍ମୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଦ୍ୱାରା ସାମାଜିକ ସେବା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି ।



ବ୍ରହ୍ମପୁର : ଗୋପାଳପୁର ସ୍ଥିତ ଆର୍ମି ଏଆଇଆର୍ ଡିଫେନ୍ସ କଲେଜ୍‌ରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ମାରକୀ ଉପହାର ପ୍ରଦାନ କରିବା ଅବସରରେ । (ଫଟୋ : ସମ୍ବାଦ କଳିକା)

# ପୁଣି ଶ୍ରୀମନ୍ଦିର ସୁରକ୍ଷାରେ ତ୍ରୁଟି ବେଢ଼ା ଭିତର ଭିଡିଓ ଭାଇରାଲ୍

ପୁରୀ ,୦୫/୮ ନ୍ୟୁଜ ବ୍ୟୁରୋ

ପୁଣି ଶ୍ରୀମନ୍ଦିର ପରିସରରେ ବେଆଇନ ଡ୍ରୋନ୍ ଉଡ଼ାଣ । ଏଥର ଶ୍ରୀମନ୍ଦିର ବେଢ଼ା ଭିତର ଭିଡିଓ ଭାଇରାଲ୍ ହୋଇଛି । ଶ୍ରୀମନ୍ଦିର ଭିତର ବେଢ଼ାରୁ ଏହି ଭିଡ଼ିଓ କରାଯାଇଥିବା ଜଣାଯାଇଛି । ସୋସିଆଲ ମିଡ଼ିଆ ଇନଷ୍ଟାଗ୍ରାମ ଆଇଡିରୁ ଭିଡିଓ ଭାଇରାଲ ହୋଇଛି । କୃର୍ତ୍ତିକାପକାର୍ପେ ୨୦୧୭ ନାମକ ଆଇଡିରୁ ଏହି ଭିଡିଓ ପୋଷ୍ଟ କରାଯାଇଛି। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଭଳି ଗ୍ୟାଜେଟ୍ ନିଶିଦ୍ଧ ଥିବା ବେଳେ ଭିଡିଓ କିଭଳି ଉତ୍ତୋଳନ କରାଗଲା ତାକୁ ନେଇ ଏବେ ଉଠିଛି ପ୍ରଶ୍ନ ।

ଗତ କିଛି ଦିନ ଧରି ଶ୍ରୀମନ୍ଦିର ଭିତର ଭିଜୁଆଲ ବାରମ୍ବାର ଭାଇରାଲ ହେବାର ଖବର ସାମ୍ନାକୁ ଆସିଛି । କେତେବେଳେ ମନ୍ଦିର ଭିତର ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି ତ ଆଉ କେତେବେଳେ ସିଂହଦ୍ୱାର ସମ୍ମୁଖରେ ରିଲ୍ସ କରୁଥିବାର ମଧ୍ୟ ନଜିର ରହିଛି । ଖାଲି ସେତିକି ନୁହେଁ ଡ୍ରୋନ ଜରିଆରେ ମଧ୍ୟ ଶ୍ରୀମନ୍ଦିର ଉପରୁ ଭିଡିଓ ଉତ୍ତୋଳନ ହେଉଛି । ପ୍ରଶାସନର ବାରମ୍ବାର ତାଗିଦ ପରେ ଏପରି କାମ ଥମିବାର ନାଁ ନେଉନି । ଏନେଇ ପଦକ୍ଷେପ ନେବ ଶ୍ରୀମନ୍ଦିର ପ୍ରଶାସନ ତା ଉପରେ ସମସ୍ତଙ୍କ ନଜର ।

# ରାଷ୍ଟ୍ରପତି ଭବନକୁ ଯିବ ୩ ରଥର ତିନି ଚକ : ମୁଖ୍ୟ ପ୍ରଶାସକ



ପୁରୀ, ୫/୮ ନ୍ୟୁଜ ବ୍ୟୁରୋ

ରାଷ୍ଟ୍ରପତି ଭବନକୁ ଯିବ ଶ୍ରୀଜୀଉଙ୍କ ରଥଯାତ୍ରାର ୩ ରଥର ଗୋଟାଏ ଲେଖାଏଁ ଚକ । ଏହି ଚକଗୁଡ଼ିକ ରାଷ୍ଟ୍ରପତି ଭବନରେ ଶୋଭା ପାଇବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଡ. ପାଢ଼ୀ ସାକ୍ଷାତ କରିଥିଲେ । ଏହି ସମୟରେ ଶ୍ରୀଜୀଉଙ୍କ ବ୍ୟବହୃତ ରଥ ଚକ ରାଷ୍ଟ୍ରପତିଙ୍କ ଭବନକୁ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଭବନରେ ଘୋଷଯାତ୍ରାରେ ବ୍ୟବହୃତ ୩ ରଥର ୩ଟି ଚକକୁ ସ୍ଥାପନ କରିବା ପାଇଁ ଏଠାରେ ଶ୍ରୀମତି ମୁର୍ମୁ ସହମତି ପ୍ରଦାନ କରିଥିଲେ । ଏହା ଅତି ଆନନ୍ଦର ଓ ଗୌରବର ବିଷୟ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି। ସୂଚନା ଥାଉକି, ପ୍ରତିବର୍ଷ ରଥଯାତ୍ରା ସରିବା ପରେ ରଥକୁ ଭଙ୍ଗା ଯାଏ। ୨ ରଥର ଚକ, ଅଂଶୁଆରୀ, ପ୍ରଭା, ଗୁଜକୁ ଶ୍ରୀମନ୍ଦିର ପ୍ରଶାସନ ନିଲାମ କରି ଏଥିରୁ ରାଜସ୍ୱ ପାଇଥାଏ । ଯେତେବେଳେ କି ବାକି ରଥକାଠକୁ ଜାଳେଣି ଭାବେ ଶ୍ରୀମନ୍ଦିର କୋଠଭୋଗ ପ୍ରସ୍ତୁତିରେ ବ୍ୟବହୃତ କରାଯାଇଥାଏ । ପ୍ରତିବର୍ଷ ବିଭିନ୍ନ ଜଙ୍ଗଲରୁ କାଠ ଆଣି ରଥଯାତ୍ରା ନିମନ୍ତେ ନୂଆ ୩ଟି ରଥ ନିର୍ମାଣ କରାଯାଏ । ପରେ ଏହାକୁ ପୂର୍ବ ଭଳି ନିଲାମ ଓ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହୃତ କରାଯାଇଥାଏ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ରାଜସ୍ୱ ମନ୍ତ୍ରୀଙ୍କ ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା

# କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ମିଳିବ କ୍ଷତିପୂରଣ

ପୁରୀ, ୫/୦୮ ନ୍ୟୁଜ ବ୍ୟୁରୋ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସର୍କିଟ ହାଉସ ଠାରେ ବନ୍ୟା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ବନ୍ୟା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ବନ୍ୟା କ୍ଷତିଗ୍ରସ୍ତଙ୍କ ସହ ସରକାର ଦୃଢତାର ସହ ଛିଡା ହୋଇଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ । ସରକାର କ୍ଷୟକ୍ଷତିର ତଥ୍ୟ ଆସିବା ପୂର୍ବରୁ ପ୍ରାଥମିକ ଭାବେ କ୍ଷତିଗ୍ରସ୍ତ ଜିଲ୍ଲାକୁ ୧୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ପୂର୍ଣ୍ଣାଙ୍ଗ ରିପୋର୍ଟ ପରେ ଆବଶ୍ୟକ ପଡିଲେ ଆହୁରି ଅଧିକ ଅର୍ଥ ଦିଆଯିବ । ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ପ୍ରଦାନରେ ଅର୍ଥ ବାଧକ ନୁହେଁ ବୋଲି ମନ୍ତ୍ରୀ କହିଥିଲେ । 'ମୁଣ୍ଡୁଳି ପାଖରେ ୧୨ ଲକ୍ଷ କ୍ୟୁସେକ ପାଣି ହେଲେ ମଧ୍ୟ ଯେପରି ନଦୀ ଗୁଡିକ କ୍ଷତିଗ୍ରସ୍ତ ହେବ ନାହିଁ ତାହାର ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି । ଅତିରିକ୍ତ ବର୍ଷା ଯୋଗୁ ହୋଇଥିବା ଚଳିତ ବନ୍ୟା ଦ୍ୱାରା ରାଜ୍ୟର ସମସ୍ତ ନଦୀରେ ବନ୍ୟା ଆସିଛି । ଏହା ଏକ ବିରଳ ଘଟଣା । କ୍ଷୟକ୍ଷତିର ଆକଳନ ପାଇଁ ସମସ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଯୁଗ୍ମ ତଦନ୍ତ ମାଧ୍ୟମରେ ଖୁବ ଶିଘ୍ର ସେହି ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ । ଆମ ରାଜ୍ୟ ଯେହେତୁ କୃଷି ଉପରେ ନିର୍ଭରଶୀଳ, କୃଷକ ମାନଙ୍କ କ୍ଷତିକୁ ଭରଣା ପାଇଁ କୃଷି ବିଭାଗର ରିପୋର୍ଟ ଯଥାଶୀଘ୍ର ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି,' ବୋଲି ମନ୍ତ୍ରୀ କହିଥିଲେ । ସେହିପରି ବନ୍ୟା ପରବର୍ତ୍ତୀ ଚାଷ ପାଇଁ କୃଷି ଓ ଉଦ୍ୟାନ ବିଭାଗ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗ ଦେଇ ସେମାନଙ୍କ



ଅଞ୍ଚଳର ବନ୍ୟା ଓ ବନ୍ୟା ପରବର୍ତ୍ତୀ ସମସ୍ୟା, ତାହାର ପ୍ରତିକାର ପାଇଁ ବିବିଧ ପ୍ରସ୍ତାବ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ସହ ପୁରୀ ଜିଲ୍ଲାରେ ବନ୍ୟା ବନ୍ୟା ଦ୍ୱାରା ପ୍ରଭାବିତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ପୁରୀ ସଦର, ନିମାପଡା, ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ୧୪ ଟି ପଞ୍ଚାୟତ ର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି। ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି । ନିମାପଡା ବ୍ଲକର ଶଗଡା ପଞ୍ଚାୟତ, ପିପିଲି ବ୍ଲକର ପୁବା ଶାସନ, କଣ୍ଟି, ପୋପରଙ୍ଗା ଓ ଭାରତୀପୁର ପଞ୍ଚାୟତ, କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡ ବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହ ବରହମପୁର ପଞ୍ଚାୟତର ୧୯ଟି ଗ୍ରାମରେ ୧୭୨୨୧ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ମାନଙ୍କ ମଧ୍ୟରେ ୪୬.୦୭ କ୍ୱିଣ୍ଟାଲ ଚୁଡା ଓ ୫.୩୨୫ କ୍ୱିଣ୍ଟାଲ ଗୁଡ ବଣ୍ଟନ କରାଯାଇଛି । କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୭୭୮.୨୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ଚିକିତ୍ସା ସୁବିଧା ପାଇଁ ୬ ଗୋଟି ମେଡ଼ିକାଲ ଟିମ ମୁତୟନ କରାଯାଇଥିଲା ବେଳେ ୧୨ ଗୋଟି ଅଗ୍ନିଶମ ସେବା ୟୁନିଟ,୧୧ ଗୋଟି ପ୍ରାଣୀ ଚିକିତ୍ସା ୟୁନିଟ କାର୍ଯ୍ୟ କରୁଥିଲା । ୨୦ ଜଣ ପ୍ରସୂତି ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିବା ବେଳେ ୯ ଜଣ ନବଜାତକ ଜନ୍ମ ଲାଭ କରିଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୫/୦୮/୨୦୨୬
୪,୩୬,୯୧୪/- ଟଙ୍କା
ସୁନା:- ୦୦ ଗ୍ରାମ୍ ୪୨୦ ମିଲିଗ୍ରାମ
ରୂପା:- ୩୦ ଗ୍ରାମ୍ ୦୦୦ ମିଲିଗ୍ରାମ

# ସ୍ୱାଧୀନତା ଦିବସ ପାଳନ ନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୫/୦୮ ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବେ । ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୬ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମହାତ୍ମା ଗାନ୍ଧୀ ମାର୍ଗଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରିବେ। ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନ, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ସାଧାରଣତନ୍ତ୍ର ଦିବସ-୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍ ରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ କଣ୍ଟିଜେଣ୍ଟ ଓ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିବେ। ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ । ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ(ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେ

# ଜନଜାତି ଯୁବବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୦୫/୦୮ ନ୍ୟୁଜ ବ୍ୟୁରୋ

ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେଜନଜାତି ଯୁବବର୍ଗଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆହ୍ୱାନ ଦେଇଛନ୍ତି । ଭିଜନ ଓଡ଼ିଶା ଲକ୍ଷ୍ୟ ସାଧନ ପାଇଁ ଜନଜାତି ସମ୍ପ୍ରଦାୟକୁ ଉନ୍ନୟନର ମୁଖ୍ୟ ସ୍ରୋତ ସହ ଅଧିକ ସଂଯୋଜିତ କରି ସେମାନଙ୍କ ପାଇଁ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଜୀବିକା ଏବଂ ରୋଜଗାର ସୃଷ୍ଟି ଉପରେ ତୃଣମୂଳ ସ୍ତରରେ ଫଳପ୍ରଦ କାର୍ଯ୍ୟ କରିବାକୁ ସେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ ଏହା ପ୍ରକାଶ କରିଛନ୍ତି । ବୈଠକରେ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ବି. ପରମେଶ୍ୱରନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ମାଇକ୍ରୋ ପ୍ରକଳ୍ପଗୁଡ଼ିକର ସ୍ୱତନ୍ତ୍ର ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ଯେ, ଯେଉଁ ଜନଜାତି ଯୁବକ ଓ ଯୁବତୀମାନେ ଦେଶ ବା ବିଦେଶରେ ଉଚ୍ଚଶିକ୍ଷା ଓ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି, ସେମାନଙ୍କୁ 'ରୋଲ୍ ମଡେଲ୍' ତଥା ଆଦର୍ଶ ଭାବେ ବିଭିନ୍ନ ଆଶ୍ରମ ବିଦ୍ୟାଳୟ ଓ ବିଭାଗ ଅଧିନସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସଂଯୋଗ କରି ବିଦ୍ୟାଳୟ ପରିଦର୍ଶନ କିମ୍ବା ଅନଲାଇନ୍ ମାଧ୍ୟମରେ ସେମାନେ ନିଜ ନିଜର ଅନୁଭୂତି ବାଣ୍ଟି ନୂତନ ପିଢ଼ିକୁ ଉଚ୍ଚଶିକ୍ଷା ଓ ଉଚ୍ଚ ମାନର ବୃତି ଚୟନ ପାଇଁ ପ୍ରେରଣା ଦିଅନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି ।

# ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଧାୟକ ଓ ଟିଚର୍ସ ଆସୋସିଏସନ୍‌ଙ୍କ ମଧ୍ୟରେ ବିବାଦ

କଟକ, ୦୫/୦୮ ନ୍ୟୁଜ ବ୍ୟୁରୋ

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଟିଚର୍ସ ଆସୋସିଏସନ୍‌ଙ୍କ ମଧ୍ୟରେ ବିବାଦ ନୂଆ ମୋଡ଼ ନେଇଛି । ଗୋଟିଏ ପଟେ ବିଧାୟକ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଟିଚର୍ସ ଆସୋସିଏସନ୍ ଦାବି କରୁଥିବା ବେଳେ, ଅନ୍ୟପଟେ ବିଧାୟକ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖି ଚିଫ୍ ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଘଟିଥିବା ବିବାଦ ଏବେ ରାଜନୈତିକ ଓ ଶିକ୍ଷାଗତ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ଘଟଣାକୁ ନେଇ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ବିଧାୟକ ଅଭିଯୋଗ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟକୁ ଯାଇଥିବା ବେଳେ ଚିଫ୍ ୱାର୍ଡେନ ସୁଦର୍ଶନ ମିଶ୍ର ଅଯଥା ଯୁକ୍ତିତର୍କ କରିଥିଲେ । ଏହାକୁ ନେଇ ସେ ଚିଫ୍ ୱାର୍ଡେନଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ରେଭେନ୍ସା ଟିଚର୍ସ ଆସୋସିଏସନ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି । ଆସୋସିଏସନ୍‌ର ପକ୍ଷରୁ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଦାବି କରାଯାଇଛି । ଘଟଣାକୁ ନେଇ ଉଭୟ ପକ୍ଷ ନିଜ ନିଜ ଅବସ୍ଥାନରେ ଅଟଳ ରହିଛନ୍ତି। ଏହି ବିବାଦ ପରେ ବିଶ୍ୱବିଦ୍ୟାଳୟର ପରିବେଶ ଉପରେ ମଧ୍ୟ ପ୍ରଭାବ ପଡ଼ିଛି । ଶିକ୍ଷକ, ଛାତ୍ରଛାତ୍ରୀ ଓ ପ୍ରଶାସନ ମଧ୍ୟରେ ଏହାକୁ ନେଇ ଆଲୋଚନା ଜୋର ଧରିଛି ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପକସ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋଦ୍ଧସ୍ଥା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବଢ଼ିଚାଲିଛି ସ୍ୱର୍ଗଦ୍ୱାର ଶ୍ମଶାନ ଧୂଆଁ : ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଅଣଦେଖା



ପୁରୀ, ୫/୦୮ ନ୍ୟୁଜ ବ୍ୟୁରୋ

ପୁରୀ ସ୍ୱର୍ଗଦ୍ୱାରରେ ଦିନକୁ ଦିନ ଶବ ସଂସ୍କାର ନିମନ୍ତେ ମୃତଦେହ ଆସିବା ସଂଖ୍ୟା ବଢ଼ି ଚାଲିଛି । ୫ ବର୍ଷ ପୂର୍ବେ ଯେଉଁଠି ଦୈନିକ ପ୍ରାୟ ୫୦ ଶବ ସଂସ୍କାର ନିମନ୍ତେ ଆସୁଥିଲା, ଏବେ ତାହା ଦ୍ୱିଗୁଣିତ ହୋଇଯାଇଛି। ଶବ ଦାହ ନିମନ୍ତେ ଏଥିପାଇଁ ଦ୍ୱିଗୁଣ ଜାଳେଣି କାଠର ଆବଶ୍ୟକତା ବଢ଼ି ଯାଇଛି । ଅଧିକ କାଠ ଓ ଶବ ପୋଡ଼ା ହେବାରୁ ସ୍ୱର୍ଗଦ୍ୱାର ଶ୍ମଶାନ ଅଞ୍ଚଳରେ ଧୂଆଁ ବଢ଼ି ଚାଲିଛି । ପାଖରେ ଚାଲିକି ଗଲେ ଆଖି ପୋଡୁଛି । ନିଶ୍ୱାସ ନେବା ବେଳେ ଅଣନିଃଶ୍ୱାସୀ ଲାଗୁଛି । ଧୂଆଁ ବଢୁଥିବାରୁ ଏଠାରେ ପ୍ରଦୂଷଣ ମାତ୍ରା ବଢ଼ି ଯାଇଛି । ପ୍ରଦୂଷଣ କମାଇବା ନିମନ୍ତେ ଶବ ସଂସ୍କାର ନିମନ୍ତେ ପାରମ୍ପରିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଇଲେକ୍ଟ୍ରି ମେସିନ୍ ବ୍ୟବହାର କରିବାକୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପୂର୍ବରୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ପ୍ରାୟ ଦଶନ୍ଧି ହେବ ପ୍ରଶାସନ ଏହାକୁ ପାଳନକୁ କରିବାକୁ ଆଗ୍ରହ ଦେଖାଉନି । ସ୍ୱର୍ଗଦ୍ୱାର ଉନ୍ନତୀକରଣ ପରେ ଏଠାରେ ହିନ୍ଦୁ ପରମ୍ପରାକୁ ଦୃଷ୍ଟିରେ ରଖି ଶବ ସଂସ୍କାର ନିମନ୍ତେ ଇଲେକ୍ଟ୍ରି ଓ କାଠ ମିଶ୍ରିତ ଏକ ସ୍ୱତନ୍ତ୍ର ଚୁଲା ବ୍ୟବହାର କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା । ଏଥିନିମନ୍ତେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ମଧ୍ୟ ହୋଇଥିଲା। ସ୍ୱର୍ଗଦ୍ୱାର ସେବା ସମିତି ନିକଟରେ ମହଜୁଦ୍ ପ୍ରାୟ ୩ କୋଟି ଟଙ୍କା ମଧ୍ୟରୁ ଏହି ଟଙ୍କା ଖର୍ଚ୍ଚ କରିବାକୁ ଆଲୋଚନା ମଧ୍ୟ ହୋଇଥିଲା। ହେଲେ ଅଧିକାରୀ ବଦଳିବା ସହ ବାରମ୍ବାର ନିଷ୍ପତ୍ତି ବଦଳିବାରେ ଲାଗିଛି । କମ୍ପାନୀମାନଙ୍କ ସିଏସ୍ଆର ପାଣ୍ଠି ଆଣି ଏହି ମେସିନ୍ ଲଗାଇବାକୁ ବାରମ୍ବାର ଅଧିକାରୀମାନେ ଉଦ୍ୟମ କରି ଫେଲ୍ ମାରିଛନ୍ତି । ଶେଷରେ ନଗର ଉନ୍ନୟନ ବିଭାଗ ଟଙ୍କା ଦେଲେ ମେସିନ୍ ପଡ଼ିବ ବୋଲି କହି ପ୍ରାଶାସନିକ ଅଧିକାରୀ ଚୁପ୍ ବସିଛନ୍ତି । ବ୍ରହ୍ମପୁରରେ ଶବ ସଂସ୍କାର ନିମନ୍ତେ ବ୍ୟବହୃତ ହେଉଥିବା ସ୍ୱତନ୍ତ୍ର ମେସିନ୍ କାଠ ଚୁଲାର ଅବିକଳ ଚୁଲାକୁ ସ୍ୱର୍ଗଦ୍ୱାରରେ ଲଗାଇବା ନିମନ୍ତେ ବାରମ୍ବାର ଆଲୋଚନା ହୋଇଛି । ମେସିନ୍ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟାଦେଶ ଦେବାକୁ ମଧ୍ୟ କମିଟିର ଅନେକ ସଦସ୍ୟ ପ୍ରଶାସକଙ୍କୁ ନିବେଦନ କରିଛନ୍ତି । ଏହି ମେସିନ୍ ବ୍ୟବହାର ହେଲେ କାଠ ବ୍ୟବହାର ଅଧା ହୋଇଯିବ । ଅର୍ଥାତ୍ ପ୍ରତ୍ୟେକ ମୃତଦେହ ପୋଡ଼ିବା ନିମନ୍ତେ ପ୍ରାୟ ଦେଢ଼ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଥିବା ବେଳେ ଏହି ସ୍ୱତନ୍ତ୍ର ଇଲେକ୍ଟ୍ରି ଚୁଲା ବ୍ୟବହାର କଲେ ପ୍ରାୟ ୮୦ କୁଇଣ୍ଟାଲରୁ କମ୍ କାଠର ଆବଶ୍ୟକତା ପଡ଼ିବ । ଶବ ସଂସ୍କାର ନିମନ୍ତେ ସମୟ କମିବ, ମାନବ ସମ୍ବଳ କମିବ, ଶୋଷଣ କମିବ, ଭିଡ଼ କମିବ ଓ ପରମ୍ପରା ସୁରକ୍ଷିତ ରହିବ । ସବୁଠାରୁ ବଡ଼ କଥା ଶବ ପୋଡ଼ିବା ନିମନ୍ତେ ଅହେତୁକ ଜଙ୍ଗଲ କାଟିବାକୁ ମଧ୍ୟ ରୋକାଯାଇପାରିବ । ହେଲେ ପ୍ରଶାସନ ଏ ବାବଦରେ ନିରବ । ପୁରୀ ମହାନଗର ନିଗମ କମିଶନରଙ୍କୁ ନଗର ଉନ୍ନୟନ ବିଭାଗଠାରୁ ମେସିନ୍ ବସାଇବା ନିମନ୍ତେ ଟଙ୍କା ଆଣିବାକୁ ଚିଠି କରିବାକୁ ନିର୍ଦ୍ଦେଶ ଦେଇ ଜିଲ୍ଲା ପ୍ରଶାସନିକ କର୍ତ୍ତୃପକ୍ଷ ଉତ୍ତର ଅପେକ୍ଷାରେ ବସିଛନ୍ତି। ଫଳରେ ଦୁଇ ବର୍ଷ ହେବ ଏହି ଆଲୋଚନା ଉପରେ କେବଳ ଘଣ୍ଟାଚକଟା ଛଡ଼ା ଫଳ କିଛି ମିଳୁନି । ଏନେଇ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନଉଠାଇବାରୁ ମତାମତ ମିଳିପାରିନାହିଁ ।